Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୧୭, ଭୁବନେଶ୍ୱର, ୧୧ ରୁ ୧୭ ମାର୍ଚ୍ଚ, ୨୦୨୪ Vol-1, Issue-17, Bhubaneswar, 11 to 17 March , 2024

# ବଦଳୁଥିବା ପ୍ରଥା-ବିଲୁପ୍ତ ପରମ୍ପରା

**ପ୍ରଥା ଓ ପରମ୍ପରା ଏକ ଆଳ ନୁହେଁ ବରଂ ଏକ ଆବଶ୍ୟକତା। ମନୁଷ୍ୟ ଯେତେ ଆଧୁନିକ ହଉ, ବିଜ୍ଞାନର ଯେତେ ବି ଅଗ୍ରଗତି ହେଉ, ଆମେ ସଭିଏଁ ଈଶ୍ୱରୀୟ ସତ୍ତା କୁ ବିଶ୍ୱାସ କରିବାକୁ ବାଧ୍ୟ। ସେହି ନ୍ୟାୟରେ ଆଜି ବି ବଳବତ୍ତର ରହିଛି ଅନେକ ପ୍ରଥା । ବହୁତ ଦ୍ୱନ୍ଦ୍ୱ, ମାନସିକ ବିବିଧତା ରହିଲେ ମଧ୍ୟ ପରମ୍ପରା କୁ ହୁଡି କିଛି କରିବାର ସାହାସ ଆଜିଯାଏଁ କୁଳେଇ ପାରିନି ମାନବ ସମାଜ। ହଁ ଏକଥା କୁହାଯାଇ ପାରେ କି ଆଧୁନିକତାର ଦ୍ୱାହିରେ ସଂକୁଚିତ ହେଇଛି ଆମ ପ୍ରଥା ଏବଂ ଦବିଯାଇଛି ପୂର୍ବ ପରମ୍ପରା। ବୁଡି ଯାଉଥିବା ପ୍ରଥା ଓ ପରମ୍ପରାକୁ ନିରିଖେଇ ଏକ ଆକଳନ ବାଢିଛନ୍ତି**

**ଜ୍ଞାନ ରଂଜନ ମିଶ୍ର**



- **ଗୁଆ ନିମନ୍ତ୍ରଣର ଜାଗା ମାଡ଼ିବସିଛି ହ୍ୱାଟସ୍ଆପ**
- **ନିମନ୍ତ୍ରଣ କାର୍ଡ ଆଜି ଇ-କାର୍ଡ**
- **ହଜାର ଲୋକ ଭୋଜି ଖାଉଥିବା ବେଳେ କାର୍ଡ ମାତ୍ର ଶହେ ଛାପା ଯାଉଛି**
- **ପ୍ରଥା ପରମ୍ପରା ବୁଡି ଯାଉଛି**
- **ସମ୍ପର୍କ ଆଜି ସଙ୍କୁଚିତ**

କୋଉ ଆବହମାନ କାଳରୁ ଚାଲିଆସିଛି ବିବାହ, ବ୍ରତ ବା ଉତ୍ସବ ପାଇଁ ନିମନ୍ତ୍ରଣ ପ୍ରଥା। ଦେବନୀତି ଠାରୁ ଆରମ୍ଭ କରି ସମସ୍ତ ଶୁଭକାମରେ ବନ୍ଧୁବାନ୍ଧବ ଓ ପ୍ରିୟଜନମାନଙ୍କର ଉପସ୍ଥିତି ପାଇଁ ନିମନ୍ତ୍ରଣ ପଠାଯାଏ। ଏକଥା ଜାଣିବା ଦରକାର ଆମର କେତେ ପ୍ରକାରର ନିମନ୍ତ୍ରଣ ରହିଛି।

ଗ୍ରାମ ଦେବଦେବୀ ଙ୍କୁ ନିମନ୍ତ୍ରଣ, ମହାପ୍ରଭୁଙ୍କୁ ନିମନ୍ତ୍ରଣ, ମଉଳା (ମାମୁଁ ଘର) ନିମନ୍ତ୍ରଣ, ଜ୍ୱାଇଁ ନିମନ୍ତ୍ରଣ, ବନ୍ଧୁ ନିମନ୍ତ୍ରଣ ଇତ୍ୟାଦି। ବିବାହ, ବ୍ରତ ଆଦି କାର୍ଯ୍ୟରେ ପ୍ରଥମେ ପୁଅ ଘର ଲୋକେ ଗାଁ ନିମନ୍ତ୍ରଣ ବା ଗ୍ରାମ ଦେବଦେବୀଙ୍କୁ ନିମନ୍ତ୍ରଣ ନିମିତ୍ତ ଶଙ୍ଖୁଆ କୁ ଡାକି ଶଙ୍ଖ ନାଦ ସହିତ ଆଶୀର୍ବାଦ ନେଇଥାନ୍ତି। ଶୁଭକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି। ଶୁଭ ଶଙ୍ଖ ଧ୍ୱନି ଶୁଣି ଗ୍ରାମବାସୀ ବି ଜାଣିଥାନ୍ତି ଆଗକୁ ଶୁଭ କାର୍ଯ୍ୟଟିଏ ହେବାକୁ ଯାଉଛି। ଝିଅ ଘର ପରିବାର ଲୋକେ ପୁଅ ଘରକୁ ଜ୍ୱାଇଁ ନିମନ୍ତ୍ରଣ ଧରି ଆସି ପ୍ରଥମେ ଗ୍ରାମ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥାନ୍ତି। ତାପରେ ବିଧି ଅନୁସାରେ ଆଣିଥିବା ନିମନ୍ତ୍ରଣ ସାମଗ୍ରୀକୁ ବାରିକ କାନ୍ଧରେ ଧରି ଶଙ୍ଖୁଆର ଶଙ୍ଖ ଧ୍ୱନି ସହିତ ପୁଅ ଘରେ ପହଁଞ୍ଚି ଜ୍ୱାଇଁ ନିମନ୍ତ୍ରଣ ଦେଇଥାନ୍ତି।

ଏସବୁ ପରେ ଆରମ୍ଭ ହୁଏ ମଉଳା ନିମନ୍ତ୍ରଣ ବା ମାମୁଁ ଘରକୁ ନିମନ୍ତ୍ରଣ। ନିମନ୍ତ୍ରଣ ତାଟରେ କେତୋଟି ନଡ଼ିଆ, କେତୋଟି ଗୁଆ, ରହିବ ତାର ବି ବିଧିବିଧାନ ରହିଛି। ମାମୁଁଙ୍କ ଘରେ ମଧ୍ୟ ମୁରୁଜ ଚିତା ଦେଇ, ଦୀପ ଲଗାଇ, ହୁଳହୁଳି ପକାଇ ନିମନ୍ତ୍ରଣ ତାଟକୁ ମୁରୁଜ ଚିତା ଉପରେ ରଖି ବନ୍ଦାପନା କରି ଯଥାରୀତି ସ୍ୱାଗତ କରିଥାନ୍ତି। ତାପରେ ଆରମ୍ଭ ହୋଇ ଥାଏ ଜ୍ୱାଇଁ ମାନଙ୍କୁ ଓ ବନ୍ଧୁବାନ୍ଧବମାନଙ୍କୁ ଗୁଆ ନିମନ୍ତ୍ରଣର ପର୍ବ। କାହା ଘରକୁ ଗୋଟିଏ ନଡିଆ ଗୋଟିଏ ପାନ ଗୁଆ ତ, ପୁଣି କାହା ପାଇଁ ଦୁଇଟି ନଡ଼ିଆ, ଦୁଇ ତିନୋଟି ପାନ ଓ ଗୁଆ ପ୍ରଦାନ କରି ବିଧିବିଧାନର ସହ ନିମନ୍ତ୍ରଣ କରିବାର ବିଧି ରହିଥାଏ। ଏମିତିରେ ସାଧାରଣ ବନ୍ଧୁମାନଙ୍କୁ ତମ୍ବାର ପାତ୍ରୀରେ ହଳଦୀ କନାର ବିଣ୍ଡିଟିଏ ପକାଇ ଗୁଆ ରଖି ବନ୍ଧୁ ନିମନ୍ତ୍ରଣ କରାଯାଇଥାଏ। ଘରକୁ ଘର, ଗାଆଁକୁ ଗାଆଁ ବନ୍ଧୁ ଘରେ ଯାଇ ବନ୍ଧୁ ନିମନ୍ତ୍ରଣ ଦେଇ ନିଜ ପୁଅ କିମ୍ବା ଝିଅଙ୍କ ବିବାହ ଓ ବ୍ରତ ପାଇଁ ନିମନ୍ତ୍ରଣ କରି ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ିଥାନ୍ତି।

ପିଲାଦିନୁ ଦେଖିଆସିଛୁ ବିବାହ କି ବ୍ରତ ଉତ୍ସବର ବହୁ ପୂର୍ବରୁ ବନ୍ଧୁମାନେ ବି ନିଜନିଜର ସାଧ ମତେ ଶଗଡ଼ଗାଡ଼ିରେ ଆଳୁ, ପିଆଜ ବସ୍ତା, କଞ୍ଚା କଦଳୀ କାନ୍ଧି, ଖମ୍ବ ଆଳୁ, ସାରୁ ଓ ବିଭିନ୍ନ ପ୍ରକାରର କଞ୍ଚା ପନିପରିବା ବନ୍ଧୁ ଘରକୁ ଭେଭାର ସ୍ୱରୂପ ପଠାଇ ବନ୍ଧୁଙ୍କୁ ସାହାଯ୍ୟ କରିଥାନ୍ତି।

ଆଉ କିଛି ବନ୍ଧୁ ତ ବେଦୀ, ଛାମୁଣ୍ଡିଆ, ଚୁଲି ଖୋଳିବା, ହଣ୍ଡାହାଣ୍ଡି ସଂଗ୍ରହ ନିମିତ୍ତ ନିଜେ ସପ୍ତାହ ଆଗରୁ ପହଞ୍ଚିଥାନ୍ତି ନତୁବା କିଛି ବିଶ୍ୱସ୍ତ ମୂଲିଆଙ୍କୁ ବନ୍ଧୁ ଘରକୁ ପଠାଇଥାନ୍ତି।

ଏବେ ଆସିବା ମୂଳ ପ୍ରସଙ୍ଗକୁ। ଆଜିକାଲି ପ୍ରଥା ଓ ପରମ୍ପରା ବୁଡିଯିବା ସଙ୍ଗେ ସଙ୍ଗେ ସମ୍ପର୍କ ମଧ୍ୟ ସଙ୍କୁଚିତ ହୋଇ ସାରିଲାଣି। ଏକ ହଜାର ଲୋକଙ୍କୁ ଭୋଜିକୁ ଡକା ଯାଉଥିବା ବେଳେ ମାତ୍ର ପଚାଶ କିମ୍ବା ଶହେଟି ନିମନ୍ତ୍ରଣ କାର୍ଡ ଛାପା ହେଉଛି କେବଳ ବିଧି ରକ୍ଷା ପାଇଁ। ନିମନ୍ତ୍ରଣ କରୁଥିବା ଲୋକର ଆଜିକାଲି ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଆଗ୍ରହ ନାହିଁ କି ସମୟ ମଧ୍ୟ ନାହିଁ। ଅନ୍ୟ ପଟେ ନିମନ୍ତ୍ରଣ ପାଇବା ଲୋକର ବି ଆଗ୍ରହ ନାହିଁ ବନ୍ଧୁଟି ଘରକୁ ଆସି ନିମନ୍ତ୍ରଣ କରୁ ବୋଲି। ତେଣୁ ସେମାନେ ବି କହିଦେଉଛନ୍ତି ହ୍ୱାଟସଆପ୍‌ରେ ଇ-କାର୍ଡ ପଠାଇ ଦିଅ, ମୁଁ ମୋବାଇଲ ଫୋନରେ ରିମାଇଣ୍ଡର ସେଟ୍ କରି ଭୋଜି ଦିନ ପହଞ୍ଚି ଯିବି।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସମ୍ପର୍କ ଆଜି କେତେ ସଙ୍କୁଚିତ ହେବାକୁ ବସିଲାଣି। ବନ୍ଧୁଟିଏ ବନ୍ଧୁ ଦୁଆରେ ଆସି ପହଁଚିଲେ କେତେ ଆତ୍ମୀୟତା ବଢେ , ଦୁଃଖ, ସୁଖ ଆଲୋଚନା କଲେ ଦୁଃଖ ଲାଘବ ସହିତ ସୁଖ ବା ଖୁସି ଦ୍ୱିଗୁଣିତ ହୋଇଥାଏ। ଏକଥାର ମହତ୍ୱ କୁ କେହି ଆଜିବୁଝି ପାରୁନାହାଁନ୍ତି।

ପୌରାଣିକ ମତ ଅନୁଯାୟୀ ନିମନ୍ତ୍ରଣ ପତ୍ର ଆମ ଧର୍ମୀୟ ସଂସ୍କୃତି ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ। ଦେବଦେବୀଙ୍କ ନିମନ୍ତ୍ରଣ ପରେ ଛାପା ଯାଇଥିବା ନିମନ୍ତ୍ରଣ ପତ୍ରରେ ପୂଜା ହଳଦୀର ସ୍ପର୍ଶ ଦିଆଯାଇ ଠାକୁରଙ୍କୁ ପ୍ରଥମେ ସମର୍ପଣ ପୂର୍ବକ ପ୍ରଦାନ କରାଯାଇଥାଏ। ସେହି ନିମନ୍ତ୍ରଣ ପତ୍ର କୁ ଯେତେ ପରିଶ୍ରମ ପଡୁ ପଛକେ ବନ୍ଧୁ ପାଖରେ ପହଞ୍ଚି ବନ୍ଧୁ ଓ ତାଙ୍କ ପରିବାରକୁ ଲୋଡିଲେ ଦେବଦେବୀଙ୍କ ଆଶୀର୍ବାଦ ମିଳେ। ଖୁସି ବାଣ୍ଟିହେବା ସହ ପୁଅ ଝିଅଙ୍କର ମଙ୍ଗଳ ହୋଇଥାଏ। ଏହି ସବୁ ଦେବ ନୀତି ଓ ପ୍ରଥାକୁ ସମ୍ମାନ ଦେଇ ଯଦି ଆଜିକାର ବାପ-ମାଆ ମାନେ ନିଜ ପୁଅ ଝିଅଙ୍କ ବିବାହ କରନ୍ତେ ତେବେ ସବୁ ଜିନିଷ ଦୀର୍ଘସ୍ଥାୟୀ ହୋଇପାରନ୍ତା।

ପୁଅଟି ବ୍ରତଘର ପରେ ନିଜ ପଇତାର ମର୍ଯ୍ୟାଦା ରଖନ୍ତା ଓ ପୁଅଝିଅ ମାନଙ୍କର ଏତେ ସହଜରେ ବିବାହ ବିଚ୍ଛେଦ ଘଟନ୍ତା ନାହିଁ।

**ପଣ୍ଡିତ ଦେବାଶିଷ ମିଶ୍ର**



କୁହନ୍ତି ଯଥାରୀତି ନିମନ୍ତ୍ରଣ ଦେଉଥିବା ଲୋକର ଘର ହୋଇଯାଇ ଥାଏ ମନ୍ଦିର, ସମସ୍ତ ଦେବଦେବୀ ଆଶୀର୍ବାଦ ଦେବା ପାଇଁ ସେଠାରେ ଆସି ପହଞ୍ଚିଥାନ୍ତି ଅନ୍ୟ ପଟେ ନିମନ୍ତ୍ରଣ ପାଇ ଆସୁଥିବା ବନ୍ଧୁମାନଙ୍କ ପବିତ୍ର ମନ ଓ ଶୁଭକାମନା ପାଇଁ ସମସ୍ତ ଶୁଭକାମ ସୁରୁଖୁରୁରେ ସମ୍ପାଦିତ ହୋଇଥାଏ।

....................

**ପାର୍ଥ ଦାସ**



ବନ୍ଧନ ନିମନ୍ତ୍ରଣ କାର୍ଡ ସତ୍ୱାଧିକାରୀତଙ୍କ ମତ ହେଲା ନିମନ୍ତ୍ରଣ କାର୍ଡ ଛାପା ଶିଳ୍ପ ଆଜି ବୁଡିଯିବାକୁ ବସିଲାଣି।

ଏହି ଶିଳ୍ପ ସହ ସଂପୃକ୍ତ କିଛି କୁଶଳୀ ଓ କିଛି ଅଣକୁଶଳୀ ଗରିବ ପରିବାର ଯୋଡି ହୋଇ ରହିଥାନ୍ତି। ନିମନ୍ତ୍ରଣ ପତ୍ର ବିକ୍ରି ହେଉଥିବା ଦୋକାନ ରେ ଗ୍ରାହକ ମାନଙ୍କୁ ବିଭିନ୍ନ ପ୍ରକାରର କାର୍ଡ ଦେଖାଇ ପସନ୍ଦ

(କ୍ରମଶଃ... 'ବଦଳୁଥିବା ପ୍ରଥା-ବିଲୁପ୍ତ ପରମ୍ପରା' ଅବଶିଷ୍ଟାଂଶ ୪ ଓ ୫ ପୃଷ୍ଠାରେ ଅଛି)



## ‘ମେକ୍ ଇନ୍ ଓଡ଼ିଶା’ !

ଆମ ରାଜ୍ୟ ପ୍ରାକୃତିକ ସମ୍ପଦରେ ଭରପୂର ଏବଂ ବିଶ୍ୱର ସବୁଠୁ ଧନୀ ରାଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରକୃତିର ବରଦାନରେ ଖଣି-ଖାଦାନ, ବଣ-ଜଙ୍ଗଲ, ନଦୀ-ନାଳ ଓ ସମୁଦ୍ରର ଅସରନ୍ତି ସମ୍ଭାର ଆମର ପ୍ରକୃତ ଧନର ଭଣ୍ଡାର। ପ୍ରାକୃତିକ ସମ୍ପଦର ସୁବିନିଯୋଗ ଅଭାବରୁ ଆମେ ଏକ ଗରିବ ରାଜ୍ୟରେ ପରିଗଣିତ ହେଉଛୁ, ଯାହାକି ଅତ୍ୟନ୍ତ ଦୁଃଖର ବିଷୟ। ଏଠାରେ ଶାନ୍ତିପ୍ରିୟ ଜନସାଧାରଣଙ୍କର ଅଜ୍ଞତାର ଫାଇଦା ମୁଷ୍ଟିମେୟ ବ୍ୟବସାୟୀ ଓ ମୁଷ୍ଟିମେୟ ସରକାରୀ ବାବୁମାନେ ନେଉଛନ୍ତି। ଏଠାରେ ନିର୍ବାଚିତ ସରକାରମାନେ କେବଳ ନିର୍ବାଚନ ଜିତିବାର ପ୍ରୟାସରେ ସାରା ଓଡ଼ିଶାବାସୀଙ୍କୁ ସମ୍ପୂର୍ଣ୍ଣ ନିର୍ଭରଶୀଳ ଜାତି ପରିଣତ କରାଇ ସାରିଛନ୍ତି। ଯାହାର ପ୍ରତିଦାନରେ ଲୋକଙ୍କର ଅଜ୍ଞତାର ଭରପୂର ଫାଇଦା ଉଠାଇବାରେ ସେମାନେ ସଫଳ ହେଉଛନ୍ତି।

ନିକଟରେ ଅନୁଷ୍ଠିତ ହୋଇଥିବା ମେକ-ଇନ-ଓଡ଼ିଶା କାର୍ଯ୍ୟକ୍ରମରେ ଆମେ ଦେଖିବାକୁ ପାଇଲେ, ଆମର ପ୍ରାକୃତିକ ସମ୍ପଦ ପ୍ରତି ଆକର୍ଷିତ ହୋଇ ବିଶ୍ୱର ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନମାନେ ଏଠାରେ ବ୍ୟାଙ୍କରୁ ଋଣ ନେଇ ବା ଖୋଲା ବଜାରରୁ ଋଣନେଇ ପୁଞ୍ଜି ବିନିଯୋଗ କରିବାକୁ କେତେ ଆଗ୍ରହ ପ୍ରକଟ କଲେ। ପାଖାପାଖି କୋଡ଼ିଏ ଲକ୍ଷ୍ୟ କୋଟିର ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ଓଡ଼ିଶା ସରକାରଙ୍କୁ ମିଳିଲା। ଏହା ଯେ ପ୍ରଥମ ତା'ନୁହେଁ ବରଂ ପର୍ଯ୍ୟାୟ କ୍ରମରେ ଏହା ଏକ ଅଂଶ ବିଶେଷ। ଆଗରୁ ଏଠାରେ କଳକାରଖାନା ମଧ୍ୟ ସେଇ କ୍ରମରେ ପ୍ରତିଷ୍ଠା ହୋଇଛି। ପୂର୍ବରୁ ପ୍ରତିଷ୍ଠିତ କଳକାରଖାନାରେ କେତେ ସଂଖ୍ୟାରେ ଆମ ଓଡ଼ିଶାର ଯୁବକ ଯୁବତୀମାନେ କର୍ମ ସଂସ୍ଥାନ ପାଇଛନ୍ତି; ସେକଥାର ଅନୁଧ୍ୟାନ କରିବାର ନିହାତି ଆବଶ୍ୟକ। ରାଜ୍ୟରେ ଥିବା ଏମ୍ପ୍ଲୋୟମେଣ୍ଟ ଏକ୍ସଚେଞ୍ଜରେ ପଞ୍ଜିକୃତ ହୋଇଥିବା କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ତଥା ବେକାରୀମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। କଳକାରଖାନା ପ୍ରତିଷ୍ଠା ହେଉଥିବା ଅଞ୍ଚଳରେ ଥିବା ସମ୍ପୃକ୍ତ କାର୍ଯ୍ୟାଳୟ ମାଧ୍ୟମରେ କେତେ ଯୁବକ ଯୁବତୀ ସେଠାକାର ଅନୁଷ୍ଠାନରେ କର୍ମସଂସ୍ଥାନ ପାଇଛନ୍ତି ବା ପାଉଛନ୍ତି ତାହାର ସମୀକ୍ଷା କରି ପଦକ୍ଷେପ ଗ୍ରହଣ କରାଯିବାର ଦୃଢ଼ ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରତିଷ୍ଠିତ ହେଉଥିବା କଳକାରଖାନାରେ ସେହି ଜିଲ୍ଲାରେ ଥିବା ଶିଳ୍ପ ତାଲିମ କେନ୍ଦ୍ର ଏବଂ ଡିପ୍ଲୋମା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଅନୁଷ୍ଠାନଙ୍କୁ ଅନ୍ତର୍ଭୁକ୍ତ କରି ସ୍ଥାନୀୟ ନିଯୁକ୍ତିର ଏକ ସୁଗମ ରାସ୍ତା ତିଆରି କଲେ ଏହା ସ୍ଥାନୀୟ ଅଶାନ୍ତିକୁ ଅନେକ ଭାବେ ପ୍ରଶମିତ କରିପାରନ୍ତା।

ଆମ ରାଜ୍ୟରେ ଯେଉଁ ଅନୁଷ୍ଠାନମାନେ ବ୍ୟବସାୟ କରିବାକୁ ଆସୁଛନ୍ତି ସେମାନଙ୍କୁ ସୁରକ୍ଷା ଓ ଭିତ୍ତିଭୂମି ଯୋଗାଇ ଦେବା ଯେତିକି ଜରୁରୀ, ସ୍ଥାନୀୟ ଲୋକମାନଙ୍କୁ କର୍ମନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ 'ଅନୁଷ୍ଠାନ ଓ ସ୍ଥାନୀୟ ଅନ୍ତର୍ଭୁକ୍ତି ମାଧ୍ୟମରେ' ଯୋଗାଇ ଏକ ସମନ୍ୱୟତା ସୃଷ୍ଟି କରିବା ମଧ୍ୟ ଏକାନ୍ତ ଆବଶ୍ୟକ। ଯଦି ଆମ ରାଜ୍ୟରେ ଏତେ ବିପୁଳ ସମ୍ବଳ ବିନିଯୋଗ ସତ୍ତ୍ୱେ ଆମ ରାଜ୍ୟରେ ଲୋକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ତେବେ ଏହାଠୁ ଭଳି ଲଜ୍ଜା, ଦୁଃଖ ଓ ପରିତାପର ବିଷୟ ଆଉ କ'ଣ ହୋଇପାରେ? କେବଳ କଳକାରଖାନାମାନ ପ୍ରତିଷ୍ଠା କରିଦେଲେ ରାଜ୍ୟରେ ସାମଗ୍ରିକ ବିକାଶର ସମ୍ଭାବନା ନାହିଁ। ସାମଗ୍ରିକ ବିକାଶ ପାଇଁ ମଣିଷ ତିଆରି କାରଖାନାର ନିତ୍ୟାନ୍ତ ଆବଶ୍ୟକତା ସହ ଆମ ରାଜ୍ୟର ଲୋକଙ୍କ ହାତକୁ କାମ ଯୋଗାଇ ଦେଇ କର୍ମାଭିମୁଖୀ କରାଇବାର ଆବଶ୍ୟକତା ଏବେ ନିହାତି ଜରୁରୀ। ଏଠାରେ ନିର୍ବାଚିତ ସରକାର ଓ କାର୍ଯ୍ୟରତ ସରକାରୀ କଳ ଏ ବିଷୟରେ ସଠିକ ଚିନ୍ତା କରି ମାର୍ଗ ନିର୍ଦ୍ଧାରଣ କରିବା ଅତ୍ୟନ୍ତ ଆବଶ୍ୟକ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୭୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ



# 5G सेवाओं के फायदे

**पार्थ प्रतिम**
**टेलीकॉम एक्सपर्ट**

पिछले साल दिसंबर माह में भारत में लांच हुई 5G सेवा वायरलेस मोबाइल फ़ोन सेवा की पाँचवीं पीढ़ी है। इससे पिछली 2G, 3G और 4G पीढ़ियां थीं। 5G टेक्नोलॉजी के बाद इंटरनेट के उपयोगकर्ताओं बेहतर कवरेज मिलेगा और मोबाइल उपकरणों की बैटरी भी कम खर्च होगी।

5G टेक्नोलॉजी हमारे 4G नेटवर्क की तुलना में तेज़ रफ़्तार, लौ लेटेंसी, बेहतर विश्वसनीयता, अधिक नेटवर्क क्षमता, अधिक उपलब्धता और वर्तमान 4G नेटवर्क से बेहतर अनुभव प्रदान करने का वादा करती है। 5G एक नए प्रकार के नेटवर्क को सक्षम बनाता है जिसे मशीनों, वस्तुओं और उपकरणों सहित लगभग सभी को एक साथ जोड़ने के लिए डिज़ाइन किया गया है। 5G वायरलेस तकनीक का उद्देश्य हाई मल्टी-जीबीपीएस पीक डेटा स्पीड को अधिक विश्वसनीयता, विशाल नेटवर्क क्षमता, बढ़ी हुई उपलब्धता और अधिक उपयोगकर्ताओं के लिए समान उपयोगकर्ता अनुभव प्रदान करना है। बेहतर प्रदर्शन और बेहतर दक्षता नए उपयोगकर्ता अनुभवों को सशक्त बनाती है और नए उद्योगों को जोड़ती है।

5G एक एकीकृत, अधिक सक्षम एयर इंटरफ़ेस है। इसे अगली पीढ़ी के उपयोगकर्ता अनुभवों को सक्षम करने, नए डिप्लॉयमेंट मॉडल को सशक्त बनाने और नई सेवाएं प्रदान करने के लिए विस्तारित क्षमता के साथ डिजाइन किया गया है।

5G आज मानव जीवन का एक अभिन्न अंग बनने में सक्षम है और यह सिर्फ वॉइस और डाटा सेवा तक ही सिमित नहीं है।

**● 5G सेवाओं के फायदे**

**हेल्थकेयर कनेक्टेड एम्बुलेंस**

गंभीर स्थिती में रोगी के अस्पताल तक पहुंचने का समय सबसे ज्यादा महत्वपुर्ण होता है। इस अवधि में शीध्र उपचार से रोगी की जान बचाई जा सकती है। ऐसा 5G से लैस हेल्थकेयर कनेक्टेड एम्बुलेंस के माध्यम से किया जा सकता है। क्योंकि हेल्थकेयर कनेक्टेड एम्बुलेंस डॉक्टर्स को क्रिटिकल केयर यूनिट से जोड़ती है। ताकि चिकित्सक मरीज का प्राथमिक उपचार कर सके।




दूरदराज के स्थान जहां से अस्पताल तक की यात्रा करने में अधिक समय लगता है। इस दौरान 5G हेल्थकेयर कनेक्टेड एम्बुलेंस के माध्यम से अस्पताल पहुंचने के दौरान डॉक्टर्स रोगी को प्राथमिक उपचार दे सकते है। 5G कनेक्टेड एम्बुलेंस सभी नवीनतम चिकित्सा उपकरणों से सुसज्जित होती है, ये सभी उपकरण 5G नेटवर्क से जुड़े होते है। कहीं भी दूरस्थ स्थान से डॉक्टर वीडियो कॉल के माध्यम से एम्बुलेंस के अंदर बैठे पैरामेडिक के साथ रियल टाइम में जुड़ कर दो तरफा ऑडियो वीडियो देख सकते है। एम्बुलेंस के ईटीए की जांच कर सकते है और एसपीओ 2,हृदय गति,ईसीजी और वेंटिलेटर डेटा जैसे वाइटल्स देख सकते है। 5G कम समय और हाई स्पीड के साथ सभी डेटा को रियल टाइम में पहुंचाती है।

**● टेली अल्ट्रासाउंड**

रेडियोलॉजिस्ट और बेसिक इंफ्रास्ट्रक्चर की कमी के कारण अस्पताल में भर्ती मरीजों और बहार के रोगी दोनों को यात्रा करनी पड़ती है, या रेडियोलॉजी केंद्रों तक जाना पड़ता है। इस चिंता को दूर करने के लिए टेली अल्ट्रासाउंड एक कामगार समाधान के रूप में काम करता है। जहां रेडियोलॉजिस्ट दूर से अल्ट्रासाउंड कर सकते हैं। गंभीर देखभाल के लिए 4G यूआरएलएलसी (25 एमएस से कम), निर्बाध एम२एम संचार, क्यूओएस का उपयोग करके वास्तविक समय में संचालन किया जा सकता है। 5G नेटवर्क यह सुनिश्चित करता है कि इन बड़े आकार की फ़ाइलों को तुरंत और सुरक्षित रूप से स्थानांतरित किया जाए जो विभिन्न स्थानों पर डेटा प्रबंधन के लिए आवश्यक है।

टेली अल्ट्रासाउंड ने प्राथमिक स्वास्थ्य सुविधाओं तक सीमित पहुंच वाले समुदायों के सदस्यों के लिए दूरस्थ देखभाल प्रदान की है। अब डॉक्टर शारीरिक रूप से उपस्थित हुए बिना भी उच्च बैंडविड्थ रेडियोलॉजिकल इमेजिंग डेटा की जांच कर वास्तविक स्थिति बताने में सक्षम होंगे। रियल टाइम में संचालित यह सेटअप विशेषज्ञों को दुरस्थ स्थान पर बैठकर सहयोग करने की अनुमति देता है, जो अधिक आत्मविश्वास के साथ तेजी से उपचार प्रदान करने की उनकी क्षमता को समृद्ध करते है

इस तरह का इकोसिस्टम स्वास्थ्य सेवा के नए उचित उपयोगों का विकास करता है और लोगों को सुविधाजनक तरीके से स्वास्थ्य सेवाओं तक पहुंचने में मदद करता है। इस तरह के विकास के माध्यम से 4G ने स्वास्थ्य सेवा में एक उन्नत समाधान प्रदान किया है, जो अधिक से अधिक लोगों को बेहतर स्वास्थ्य सेवाएं देने की दिशा में एक बड़ा कदम साबित हो सकता है।

**● कृषि और पशुओं से संबंधित**

5G से मौसम की सटीक जानकारी, संचालित उपकरण द्वारा स्मार्ट खेती, फसल उत्पादन में वृद्धि, रियल टाइम में वर्षा का पूर्वानुमान, दिशा, मिट्टी के तापमान नमी आद्रता जैसी सूचना से किसानों को फायदा मिल रहा है।

कृषि और डेयरी सेक्टर में घ्ढऊ (इंटरनेट ऑफ थिंग्स) और ५उ के उपयोग से भारतीय डेयरी क्षेत्र को कई तरह से लाभ हो रहे हैं और ये तकनीकी अनसुलझी समस्याओं का समाधान करने में मदद कर रही हैं।

1. दूध उत्पादकता में सुधार: घ्ढऊ और 5G के उपयोग से डेयरी उत्पादकता में सुधार हो रहा है। घ्ढऊ सेंसर्स और अन्य उपकरणों के साथ जुड़े मवेशी किसान अपने मवेशीयों का स्वास्थ्य, पोषण स्तर, गर्भावस्था, गर्मी और ठंडी के समय पर उनकी देखभाल कर सकते हैं। यह जानकारी डेयरी किसान को सुधार के लिए निर्णय लेने में मदद करती है जो दूध उत्पादकता को बढ़ाने में सहायक होते हैं।

2. मवेशियों की बीमारी में कमी: घ्ढऊ द्वारा, मवेशियों को नियंत्रित और निगरानी किया जा सकता है, जिससे उन्हें बीमारियों से बचाने में मदद मिलती है।

3. डेयरी किसानों की आय में सुधार: डेयरी सेक्टर में घ्ढऊ और ५उ के उपयोग से किसानों की आय में सुधार हो सकता है। उचित देखभाल और निगरानी के कारण मवेशियों के प्रोडक्शन में वृद्धि होती है जो किसानों को अधिक दूध उत्पादन करने और उसे बेहतर मूल्य पर बेचने में मदद करती है।

**● ड्रोन आधारित जैविक उर्वरक स्प्रे**

5G से जुड़े ड्रोन को दूर से संचालित किया जा रहा है। ताकि कृषि क्षेत्र का सर्वेक्षण कर खेत में जैविक उर्वरक या कीटनाशक का छिड़काव किया जा सके। 5G यूआरएलएलसी नेटवर्क ड्रोन के रियल टाइम में रिमोट संचालन को सक्षम बनाता है।

शिक्षा की बात की जाय तो 4G तकनीक से लैस चश्मों के माध्यम से विद्यार्थियों को शिक्षा में और अधिक भविष्यवादी और इंटरैक्टिव तरीकों से मदद मिलती है, साथ ही प्रदेश के विद्यार्थी उच्च शिक्षा के लिये देश विदेश के बड़े शिक्षण संस्थानों से जुड़कर अपने भविष्य को और भी ज्यादा उन्नत और विकसित बना पायेंगे।

कारोबार में - छोटे, मध्यम और बड़े कारोबारियों को मदद मिलेगी,नए अवसर और रोजगार में बढ़ोतरी होगी, स्मार्ट ऑफिस के माध्यम से अटेंडेंस, केमरो से निगरानी, वीडियो टेलीफोनी एवं ग्राहको से जुड़े रहने में मदद मिलेगी

स्मार्ट सिटी - हमारे स्मार्ट सिटी प्लान के अंतर्गत भी ५उ एक महत्वपूर्ण भूमिका निभायेगा और हम ऊर्जा की बचत, स्मार्ट ट्रैफिक लाइट के माध्यम से बेहतर यातायात प्रबंधन , प्रदूषण स्तर की निगरानी, स्मार्ट सर्विस कैमरे का उपयोग संदिग्ध गतिविधियों का पता लगाने, रियल टाइम अलर्ट के माध्यम से अपराध को कम कर पाएंगे।

# ଖୋଲିଲା ବିଶ୍ୱର ସବୁଠୁ ଲମ୍ୱା ଟନେଲ, ଉଦଘାଟନ କଲେ ମୋଦି

ନୂଆଦିଲ୍ଲୀ: ଖୋଲିଲା ବିଶ୍ୱର ସବୁଠୁ ଲମ୍ୱା ଟନେଲ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଶ୍ୱର ସବୁଠୁ ବଡ଼ ବାଇ-ଲେନ୍ 'ସେଲା ଟନେଲ'କୁ ଉଦ୍‌ଘାଟନ କରିଛନ୍ତି। ଅରୁଣାଚଳ ପ୍ରଦେଶର ଇଟାନଗରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଏହାର ଉଦଘାଟନ କରିଛନ୍ତି।



ବିକଶିତ ଭାରତ ବିକଶିତ ଉତ୍ତର ପୂର୍ବ କାର୍ଯ୍ୟକ୍ରମରେ ଦେଇ ମୋଦି ଏହି ଟନେଲର ଉଦ୍‌ଘାଟନ କରିବା ସହ କହିଛନ୍ତି 'ସମଗ୍ର ଉତ୍ତର-ପୂର୍ବରେ ବିକାଶ କାର୍ଯ୍ୟ ଚାରି ଗୁଣ ଦ୍ରୁତ ଗତିରେ ଚାଲିଛି। ଏକ ବିକଶିତ ରାଜ୍ୟରୁ ବିକଶିତ ଦେଶ ପର୍ଯ୍ୟନ୍ତ ଭାରତର ଜାତୀୟ ଉତ୍ସବ ସମଗ୍ର ଦେଶରେ ଦ୍ରୁତ ଗତିରେ ଜାରି ରହିଛି। ଆଜି ମୁଁ ବିକଶିତ ଉତ୍ତର-ପୂର୍ବର ଏହି ଉତ୍ସବରେ ଉତ୍ତର-ପୂର୍ବର ସମସ୍ତ ରାଜ୍ୟ ସହିତ ମିଳିତ ଭାବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛି।' ସେଲା ଟନେଲ ସମୁଦ୍ର ପତନରୁ ୧୩ ହଜାର ଫୁଟ ଉପରେ ନିର୍ମାଣ ହୋଇଛି। ଏହା ଦ୍ୱାରା ଚୀନ ସୀମା ତାୱାଙ୍ଗକୁ ଅତି ସହଜରେ ପହଞ୍ଚି ହେବ। ଏଲଏସିର ଅତି ନିକଟକୁ ଯିବା ଆସିବା ସହଜ ହେବ। ଏହି ଟନେଲ ଅରୁଣାଚଳ ପ୍ରଦେଶର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବୁଷ୍ଟର ଭଳି କାମ ଦେବ। ଏଥିସହ ଭାରତୀୟ ସେନା ପାଇଁ ମଧ୍ୟ ଏହି ଟନେଲ ବେଶ ସହାୟକ ହେବ।

ସବୁ ସମୟରେ ଏହି ଟନେଲ କାମ କରିବ। ପ୍ରତିଦିନ ୩ ହଜାର କାର୍, ୨ ହଜାର ଟ୍ରକ ବିନା କୌଣସି ଟ୍ରାଫିକ ସମସ୍ୟାରେ ଟନେଲରେ ଯିବା ଆସିବା କରିପାରିବେ। ବିଆରଓ ପକ୍ଷରୁ ଏହି ଟନେଲର ନିର୍ମାଣ ହୋଇଛି। ଏଥିପାଇଁ ୮୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଟନେଲ ଭିତରେ ଘଣ୍ଟାକୁ ୮୦ କିଲୋମିଟର ବେଗରେ ଗାଡ଼ି ଯିବା ଆସିବା କରିପାରିବ। ୨୦୧୯ରେ ପ୍ରଧାନମନ୍ତ୍ରୀ ମୋଦି ଏହି ଟନେଲର ଶିଳାନ୍ୟାସ କରିଥିଲେ।

## କଂଗ୍ରେସକୁ ଝଟକା: ବ୍ୟାଙ୍କ ଆକାଉଣ୍ଟ ଘଟଣାରେ ମିଳିଲାନି କୌଣସି ଆଶ୍ୱସ୍ତି

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ବଡ଼ ଝଟକା ଲାଗିଛି। କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ବିରୋଧରେ ଆୟକର ବିଭାଗ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇବାକୁ ଦଳ ପକ୍ଷରୁ କରାଯାଇଥିବା ଆବେଦନକୁ ଆୟକର ଆପଲେଟ ଟ୍ରିବ୍ୟୁନାଲ ଅଗ୍ରାହ୍ୟ କରି ଦେଇଛନ୍ତି। ଟ୍ରିବ୍ୟୁନାଲ ପିଟିସନ ଖାରଜ କରି ଦେଇଥିବାରୁ କଂଗ୍ରେସ ଓକିଲ ବିବେକ ଟଙ୍ଖା ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିବେ ବୋଲି କହିଛନ୍ତି। ଫେବୃଆରୀ ୧୬ରେ କଂଗ୍ରେସ କହିଥିଲା ଯେ ଆୟକର ବିଭାଗ ଦଳର ବିଭିନ୍ନ ଆକାଉଣ୍ଟରେ ଥିବା ୧୧୫ କୋଟି ଟଙ୍କାକୁ ଜବତ କରି ଦେଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷର ଟିକସ ଓ ଜୋରିମାନା ବାବଦରେ



କଂଗ୍ରେସ ୨୧୦ କୋଟି ଟଙ୍କା ବାକି ରଖିଥିବା ଦାବି କରି ବିଭାଗ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କିଛି ଦିନ ପରେ କଂଗ୍ରେସ ନେତା ଅଜୟ ମାକେନ ଅଭିଯୋଗ କରିଥିଲେ ଯେ ଆୟକର ବିଭାଗ ଦଳର ୩ଟି ଆକାଉଣ୍ଟରୁ ବିନା କୌଣସି ଅନୁମତି ନ ନେଇ ୬୫ କୋଟି ଟଙ୍କା ଉଠାଇ ନେଇଛି। ଆୟକର ବିଭାଗର କାର୍ଯ୍ୟାନୁଷ୍ଠାନକୁ ମାକେନ ବିରୋଧ କରିଥିଲେ। ଆୟକର ବିଭାଗ ଅଗଣତାନ୍ତ୍ରିକ ଉପାୟରେ ଟଙ୍କା ଉଠାଣ କରିଛି। ଆଗକୁ ନିର୍ବାଚନ ଥିବାରୁ କଂଗ୍ରେସର ପ୍ରଚାର କାମରେ ବାଧା ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାର ଜାଣି ଶୁଣି ଆୟକର ବିଭାଗକୁ ବ୍ୟବହାର କରୁଥିବା ସେ ଅଭିଯୋଗ କରିଥିଲେ। ପ୍ରଥମେ ଆୟକର ବିଭାଗ ୧୦୩ କୋଟି ଟଙ୍କା ଦାବି କରି ଆବେଦନ କରିଥିଲା। ଏହାପରେ ଏହାକୁ ସଂଶୋଧିତ କରାଯିବା ପରେ ୧୦୫ କୋଟି ହୋଇଥିଲା। ଏଥିରେ ସୁଧ ବାବଦରେ ଆଉ ୩୦ କୋଟି ଟଙ୍କା ଯୋଡ଼ର ଯିବାରୁ ମୋଟ ଅର୍ଥର ପରିମାଣ ୧୩୫ କୋଟି ଟଙ୍କାରେ ପହଞ୍ଚିଛି।

## କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା

ନୂଆଦିଲ୍ଲୀ: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଖୁସି ଖବର। ସରକାର ସେମାନଙ୍କ ମହଙ୍ଗା ଭତ୍ତା ବା ଡିଏ ବଢ଼ାଇଛନ୍ତି। ଆଜି କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ମହଙ୍ଗା ଭତ୍ତାକୁ ସରକାର ୪% ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହି ବୃଦ୍ଧି ସହିତ ସେମାନଙ୍କ ମହଙ୍ଗା ଭତ୍ତା ୫୦%ରେ ପହଞ୍ଚିଛି। ଏହା ପୂର୍ବରୁ କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଗତ ବର୍ଷ ଅକ୍ଟୋବର ମାସରେ ବଢ଼ାଇଥିଲେ। ସେତେବେଳେ ବି ସରକାର ୪% ବୃଦ୍ଧି କରିଥିଲେ। ୨୦୨୩ ଜୁଲାଇ ୧ରୁ ପିଛିଲା ଭାବେ ଏହାକୁ ଲାଗୁ କରାଯାଇଥିଲା।

## ନମାଜ ବେଳେ ଗୋଇଠା ଓ ଚାପୁଡ଼ା ମାରିଲେ ପୁଲିସ୍ ବାବୁ

ନୂଆଦିଲ୍ଲୀ: ସବୁ ସୀମା ଟପିଛନ୍ତି ଦିଲ୍ଲୀ ପୁଲିସର ଜଣେ ବାବୁ। ସେ ରାସ୍ତାରେ ନମାଜ ପାଠ କରୁଥିବା ମୁସଲିମ୍ ଲୋକମାନଙ୍କୁ ଶଜଦା ବେଳେ ହିଁ ଗୋଇଠା ମାରିଛନ୍ତି। ମୁସଲିମ ବ୍ୟକ୍ତିମାନେ ଶଜଦା କରୁଥିବା ବେଳେ ପୁଲିସ ବାବୁ ଜଣଙ୍କ ସେମାନଙ୍କ ପଛ ପଟୁ ଗୋଇଠା ମାରି ଥିବା ବେଳର ଭିଡିଓ ସାମ୍ନାକୁ ଆସିଛି।





ଭିଡିଓ ସାମ୍ନାକୁ ଆସିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ଲଜ୍ଜାଜନକ ଭାବେ ମୁସଲିମମାନଙ୍କୁ ଗୋଇଠା ମାରିଥିବା ପୁଲିସ୍ ବାବୁଙ୍କ ତୁରନ୍ତ ନିଲମ୍ବନ କରି ତଦନ୍ତ ଆରମ୍ଭ କରାଯାଇଛି।

ଜୁମ୍ମା ହୋଇଥିବାରୁ ଦିଲ୍ଲୀର ଇନ୍ଦ୍ରଲୋକ ଅଞ୍ଚଳରେ ଥିବା ମସଜିଦ ନିକଟରେ ନମାଜ ପାଇଁ ଅନେକ ମୁସଲିମ ଲୋକ ଏକାଠି ହୋଇଥିଲେ। ମସଜିଦ ଭିତରେ ପ୍ରବଳ ଭିଡ଼ ହେବାରୁ କିଛି ଲୋକ ରାସ୍ତା ଉପରେ ମ୍ୟାଟ୍ ଲଗାଇ ଶଦଜା କରିବା ଆରମ୍ଭ କରିଥିଲେ। ସେମାନେ ପ୍ରାର୍ଥନା କରୁଥିବା ବେଳେ ଦିଲ୍ଲୀ ପୁଲିସର କିଛି ଅଧିକାରୀ ସେଠାରେ ପହଞ୍ଚିଥିଲେ। ସେମାନେ ଭିଡ଼ ନିୟନ୍ତ୍ରଣ କରିବା ସହ ମୁସଲିମମାନଙ୍କୁ ସେଠାରୁ ହଟାଇବାକୁ ଚେଷ୍ଟା କରିଥିଲେ। ଏତିକି ବେଳେ ଜଣେ ପୁଲିସ୍ ? ବାବୁ ଆଣ୍ଠେଇବା ଅବସ୍ଥାରେ ରହି ପ୍ରାର୍ଥନା କରୁଥିବା ମୁସଲିମ ବ୍ୟକ୍ତିମାନଙ୍କୁ ଗୋଇଠା ଓ ହାତରେ ଚାପୁଡ଼ା ମାରିବା ଆରମ୍ଭ କରି ଦେଇଥିଲେ। ପୁଲିସ୍ ବାବୁଙ୍କ ଏପରି ଆଚରଣକୁ ସେଠାରେ ଉପସ୍ଥିତ ଲୋକମାନେ ବିରୋଧ କରିଥିଲେ। ପ୍ରାର୍ଥନା ବେଳେ ଏପରି ହରକତ କରିବା ଉଚିତ ନୁହେଁ ବୋଲି ସେମାନେ କହିଛନ୍ତି। ଏଥିସହ ମୁସଲିମ ସଂପ୍ରଦାୟର ଲୋକମାନେ ଘଟଣାକୁ ବିରୋଧ କରି ସ୍ଥାନୀୟ ଥାନା ମଧ୍ୟ ଘେରାଉ କରିଥିଲେ। ଘଟଣା ଉପରେ ପ୍ରତିକ୍ରିୟା ଦେଇ ଡେପୁଟି କମିଶନର ଅଫ ପୁଲିସ୍ (ଉତ୍ତର) ଏମକେ ମୀନା କହିଛନ୍ତି ଯେ ଘଟଣା ପରେ ପୁଲିସ୍ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ଘଟଣାର ତଦନ୍ତ ମଧ୍ୟ ଆରମ୍ଭ ହୋଇଛି।

## ଦେଶ ଛାଡିବାକୁ ଚାହୁଁଛନ୍ତି ରାଜୀବ ଗାନ୍ଧିଙ୍କ ହତ୍ୟାକାରୀ



ନୂଆଦିଲ୍ଲୀ: ଦେଶ ଛାଡିବାକୁ ଚାହୁଁଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ହତ୍ୟାକାଣ୍ଡ ମାମଲାର ଦୋଷୀ ଏସ୍. ନଳିନୀ। ସେ ବ୍ରିଟେନ୍‌ରେ ନିଜ ଝିଅ ସହ ମିଶି ରହିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏଥିପାଇଁ ସେ ମଡ୍ରାସ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ପାସପୋର୍ଟ ପାଇବା ଉଦ୍ଦେଶ୍ୟରେ ତାଙ୍କ ସ୍ୱାମୀଙ୍କୁ ଭାରତର ଶ୍ରୀଲଙ୍କା ଡେପୁଟି ହାଇ କମିଶନଙ୍କ ନିକଟରେ ହାଜର ହେବାକୁ ଅନୁମତି ଦେବାକୁ ସେ କୋର୍ଟରେ ଆବେଦନ କରିଛନ୍ତି।

ରାଜୀବ ଗାନ୍ଧି ହତ୍ୟା ମାମଲାରେ ନାଳିନୀଙ୍କ ସ୍ୱାମୀ ଶ୍ରୀହରନ ଓରଫ ମୁରୁଗନ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ନଳିନୀ ନିଜ ଆବେଦନରେ କହିଛନ୍ତି ଯେ, ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟ ଏହି ମାମଲାରେ ସମସ୍ତ ୭ଜଣ ଦୋଷୀଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାଙ୍କ ସ୍ୱାମୀ ଶ୍ରୀଲଙ୍କାର ନାଗରିକ ହୋଇଥିବାରୁ ତାଙ୍କୁ ତିରୁଚିରାପଲ୍ଲୀର ଏକ ସ୍ୱତନ୍ତ୍ର ଶିବିରରେ ରଖାଯାଇଛି। ନାଳିନୀ ବର୍ତ୍ତମାନ ଲଣ୍ଡନରେ ରହୁଥିବା ଝିଅ ସହିତ ରହିବାକୁ ଚାହୁଁଛନ୍ତି। ସେ ଏବଂ ତାଙ୍କ ସ୍ୱାମୀ ସମସ୍ତ ଦେଶ ଭ୍ରମଣ ପାଇଁ ପାସପୋର୍ଟ ପାଇଁ ଆବେଦନ କରିଛନ୍ତି। ୩୦ ଜାନୁୟାରୀ ୨୦୨୪ ରେ ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା।

ତାଙ୍କର ଇଣ୍ଟରଭ୍ୟୁ ପୂରା ହୋଇ ସାରିଥିବା ବେଳେ ଶ୍ରୀଲଙ୍କାର ବାଣିଜ୍ୟ ଦୂତାବାସ ଦ୍ୱାରା ଡକାଯିବା ପରେ ତାଙ୍କ ସ୍ୱାମୀ ଇଣ୍ଟରଭ୍ୟୁରେ ସାମିଲ ହୋଇପାରିନଥିଲେ। ମୁରୁଗନଙ୍କୁ ଯେଉଁ ଶିବିରରେ ରଖାଯାଇଛି ସେଠାକାର ସ୍ଥିତି ଖରାପ ଯୋଗୁ ଏକ ମାସ ଭିତରେ ଦୁଇ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ତେଣୁ ସ୍ୱାମୀଙ୍କ ସହ କିଛି ବି ଅଘଟଣ ଘଟିବା ପୂର୍ବରୁ ସେ ନିଜ ଝିଅ ପାଖକୁ ଯିବାକୁ ଚାହୁଁଛନ୍ତି ବୋଲି ନଳିନୀ ନିଜ ଆବେଦନରେ କହିଛନ୍ତି।

ପାସପୋର୍ଟ ହାସଲ କରିବା ପାଇଁ ସାକ୍ଷାତକାର ଲାଗି ତାଙ୍କ ସ୍ୱାମୀଙ୍କୁ ଚେନ୍ନାଇର ଶ୍ରୀଲଙ୍କା କନସୁଲେଟକୁ ଯିବାକୁ ଅନୁମତି ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନଳିନୀ ଅନୁରୋଧ କରିଛନ୍ତି। ଆବଶ୍ୟକ ପଡିଲେ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବାକୁ ମଧ୍ୟ ନଳିନୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିଜ ଆବେଦନରେ ଗୁହାରି କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ



ନିମିତ୍ତ ସୁଯୋଗ ଦେଉଥିବା କିଛି ଅଣକୁଶଳୀ କର୍ମଚାରୀ ରହିଥାନ୍ତି, ଡି.ଟି.ପି କାମ ଜାଣିଥିବା କର୍ମଚାରୀ ବି ଥାଆନ୍ତି, ପ୍ରିଣ୍ଟ କରିବା ପାଇଁ କିଛି କର୍ମଚାରୀ ଥାଆନ୍ତି।

ଆଜିର ସମୟରେ ହଜାର ଲୋକଙ୍କୁ ଭୋଜି ଖାଇବାକୁ ଡକା ଯାଉଥିବା ବେଳେ ପଚାଶ କିମ୍ବା ଶହେ କାର୍ଡ କିଣି ଛାପା ଯାଉଥିବାରୁ ଏହି ଛୋଟ ଅଣକୁଶଳୀ ଓ ସ୍ୱଳ୍ପକୁଶଳୀ କର୍ମଚାରୀମାନଙ୍କ ପେଟ ଆଜି ଅପୋଷା ହେବାକୁ ବସିଲାଣି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ଭୁବନେଶ୍ୱର କଟକ ରୋଡ ସ୍ଥିତ ବନ୍ଧନ କାର୍ଡ ଦୋକାନର ସତ୍ୱାଧିକାରୀ ପାର୍ଥ ଦାସ। ତାଙ୍କ ମତ ଅନୁସାରେ ଆମେ କିଛି ବି ବ୍ୟବସାୟ କରି ବଞ୍ଚିଯିବୁ କିନ୍ତୁ ଏ ସ୍କ୍ରିନ୍ ପ୍ରିଣ୍ଟିଙ୍ଗ୍ କରୁଥିବା ଲୋକର ପରିବାର କେମିତି ଚଳିବ ?

ଗ୍ରାହକଙ୍କୁ କାର୍ଡ ଦେଖାଉ ଥିବା ଓ ଡି.ଟି.ପି କାମ କରୁଥିବା ଲୋକର ପରିବାର କେମିତି ବଞ୍ଚିବେ ? ପ୍ରଥା ଓ ପରମ୍ପରା ବଞ୍ଚି ରହିବା ଉଦ୍ଦେଶ୍ୟରେ ଶ୍ରୀ ଦାସ ଆର୍ଥିକ ପରିସ୍ଥିତି ଭଲ ନଥିବା କିଛି ଗ୍ରାହକମାନଙ୍କୁ ନିଜ ହାତରୁ ନିମନ୍ତ୍ରଣ କାର୍ଡ ଓ ଛାପା ଖର୍ଚ୍ଚ ବହନ କରି ସହଯୋଗର ହାତ ବଢାଇଥାନ୍ତି। ଏଥିସହ ସେ ସମସ୍ତଙ୍କୁ ଜଣାଇଛନ୍ତି ଯେ କେହି ଯଦି ଆର୍ଥିକ ସ୍ଥିତି ପାଇଁ ନିମନ୍ତ୍ରଣ ପତ୍ର ଛାପି ବନ୍ଧୁମାନଙ୍କୁ ବାଣ୍ଟି ପାରୁ ନାହାନ୍ତି ସେମାନେ ମୋର କଟକ ରୋଡରେ ଅବସ୍ଥିତ ବନ୍ଧନ କାର୍ଡ ଦୋକାନ ସହ ଯୋଗାଯୋଗ କରି ପାରିବେ।

ପରିଶ୍ରମ ପଡୁ ପଛକେ ଲୋକମାନେ ଅଧିକରୁ ଅଧିକ ନିମନ୍ତ୍ରଣ ପତ୍ର ଛପାଇ ବନ୍ଧୁ ଦୁଆରକୁ ଯିବାକୁ ଚେଷ୍ଟା କରନ୍ତୁ।

ଡିଜିଟାଲ୍ ଜୀବନରୁ ବାହାରି ନିଜ ଲୋକ ଓ ତାର ପରିବାରକୁ ଭେଟି ଦୁଃଖସୁଖ ବାଣ୍ଟିବାର ଏହା ହେଉଛି ଏକ ସୁବର୍ଣ୍ଣ ସୁଯୋଗ । ଏହାକୁ କେହି ମଧ୍ୟ ହାତ ଛଡା କରିବା ଉଚିତ୍ ନୁହେଁ। ଏହା ଦ୍ୱାରା



ସମ୍ପର୍କ ବିସ୍ତାରିତ ହେବା ସଙ୍ଗେ ସଙ୍ଗେ ଆମ ପରବର୍ତ୍ତୀ ପିଢ଼ି ଏହି ପ୍ରଥାକୁ ଅନୁକରଣ କରି ଆମ ଠାରୁ କିଛି ଶିଖି ପାରନ୍ତେ। ଏଥି ସହ ଆମେ ଆହ୍ୱାନ ଦେବାକୁ ଚାହୁଁଛୁ ଯେ ଆପଣମାନେ ରୀତି ନୀତି ପରମ୍ପରାକୁ ଗୁରୁତ୍ୱ ଦେଇ ନିମନ୍ତ୍ରଣ ପତ୍ର କିମ୍ବା ଗୁଆ ପାତ୍ରି ଦେଖାଇ ବନ୍ଧୁ ଦୁଆରେ ପହଞ୍ଚି ଶୁଭ କାର୍ଯ୍ୟ ପାଇଁ ନିମନ୍ତ୍ରଣ କରନ୍ତୁ। ସମ୍ପର୍କକୁ ସଂକୁଚିତ ନ କରି ବିସ୍ତାରିତ କରନ୍ତୁ ।



# ବ୍ୟଥିତ ପ୍ରଥା ଏବଂ ପହଁରୁ ଥିବା ପରମ୍ପରା





**ଶ୍ରୀମତି ମନସ୍ୱିନୀ ସାହୁ, ଓ.ପ୍ର.ସେ**
ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର

ପରିବର୍ତ୍ତନଶୀଳ ସମୟ ସହିତ ଯୁଗ ପରେ ଯୁଗ ବିତିଯାଏ । ଯାହା ବଞ୍ଚି ରହିବା ପାଇଁ ସଙ୍ଘର୍ଷ କରେ ତାହା ଅତୀତର ପ୍ରଚଳିତ ପ୍ରଥା । ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ତଦନୁଯାୟୀ ପ୍ରଚଳିତ ବ୍ୟବସ୍ଥାରେ ଜୀବନ ଧାରା ଗତିଶୀଳ ରୁହେ । ପ୍ରଥା ପରମ୍ପରା ହିଁ ନିଆରା ପରିବେଶ ସୃଷ୍ଟି କରିଥାଏ, ଯାହା ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ, ଏକ ଅଞ୍ଚଳକୁ ।

ଏହାର ବ୍ୟତିକ୍ରମ ଦେଖାଯାଏ, ଯେତେବେଳେ ସେହି ପ୍ରଥା ପରିବର୍ତ୍ତିତ ହୋଇଯାଏ କିମ୍ବା ସମ୍ପୂର୍ଣ୍ଣ ଲୋପ ପାଇଯାଏ । ଆଧୁନିକତାର ସ୍ରୋତରେ କିଛି ପ୍ରଥା ପ୍ରଚଳିତ ରହିଥିବା ବେଳେ ଅନେକ ପରମ୍ପରା ପହଁରି ପହଁରି କୂଳକୁ ଫେରିବାର ପ୍ରଚେଷ୍ଟା ଜାରି ରଖିଛନ୍ତି। ପିଢ଼ି ପରେ ପିଢ଼ି ପ୍ରଚଳିତ ପ୍ରଥା ପରିବର୍ତ୍ତିତ ହୋଇଯାଏ । ପାରମ୍ପରିକ ରୀତିନୀତି ବଜାୟ ରଖିବାକୁ ଶତଚେଷ୍ଟିତ ହେଲେ ହେଁ ସମୟର ଅଭାବ, ଜୀବନ ଧାରାର ଆଧୁନିକୀକରଣ ବେଶ୍ ପ୍ରଭାବ ବିସ୍ତାର କରିଛି।

ମନୁଷ୍ୟ ଦେବତ୍ୱରେ ପ୍ରତିଷ୍ଠିତ ହେବା ପାଇଁ ପାରମ୍ପରିକ ପ୍ରଥାରେ ଜୀବନ ଶୈଳୀରେ ବଞ୍ଚି ଆସିଥିଲା । ଶରୀର ଖଳୁ ସାଧନମ୍ ଆବଶ୍ୟକ ବୋଲି ହିଁ ଖାଦ୍ୟ ପେୟ, ଧ୍ୟାନ, ଧାରଣା, ସାଧନା କ୍ଷେତ୍ରର ପ୍ରସ୍ତୁତି ପ୍ରଣାଳୀ ବ୍ୟବସ୍ଥିତ ହୋଇଥିଲା। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଏବଂ ମକର ଚାଉଳ ଭୋଗର ତାତ୍ପର୍ଯ୍ୟ ଭିନ୍ନ। ଶାମ୍ବ ଦଶମୀ ତିଥିରେ ସୂର୍ଯ୍ୟଦେବଙ୍କର ପୂଜା, ବାଇଗଣ ପତ୍ରରେ ଦଶ ଜାଗା ଭୋଗ ବଢ଼ା। ପରମ୍ପରାର ଗୁରୁତ୍ୱ ଅନେକ । ମହାଶିବରାତ୍ରୀରେ ଜାଗର ଓଷା, ମହାଦୀପ ଦାନ ମନୁଷ୍ୟକୁ ମହାଶକ୍ତିର ଅନୁଭବ କରାଇଥାଏ । ବସନ୍ତ ମଳୟ ଋତୁରାଜ ଆଗମନରେ ପବିତ୍ର ପଞ୍ଚମୀ ତିଥିରେ ଜ୍ଞାନଦାତ୍ରୀ ମା ସରସ୍ୱତୀଙ୍କର ଆରାଧନା ମନୁଷ୍ୟକୁ ନିଶ୍ଚିତ ଦିବ୍ୟଜ୍ଞାନ ପ୍ରଦାନ କରିଥାଏ । ବିଦ୍ୟାର୍ଥୀ ମାନଙ୍କର ଚେତନା ଶକ୍ତି ବିକଶିତ ହୋଇଥାଏ ।ପବିତ୍ର ମେଷ ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ, ପଣା ଏବଂ ଛତୁଆ ଭୋଗ ସ୍ୱାସ୍ଥ୍ୟ ପାଇଁ ଅମୃତ ତୁଲ୍ୟ ହୋଇଥାଏ । ଦର୍ପଣରେ ଯେମିତି ମଣିଷ ସେମିତି ପ୍ରତିଫଳନ ସଦୃଶ, ଯେମିତି ଚିନ୍ତନ, ଧ୍ୟାନ ଏବଂ ମନନ ସେଇମିତି ବ୍ୟକ୍ତିତ୍ୱ ପରିସ୍ଫୁଟନ ହୋଇଥାଏ । ପୂଜା ପାର୍ବଣ ମନୁଷ୍ୟକୁ ଅନନ୍ତ ଦିବ୍ୟ ସତ୍ତା ସହିତ ସଂଯୁକ୍ତ କରାଇବାରେ ନିଃସନ୍ଦେହ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ।



ଓଡ଼ିଶା ଏକ କୃଷିଭିତ୍ତିକ ପ୍ରଦେଶ । ପରମ୍ପରା ଏବଂ ପ୍ରଥାକୁ ଆଧାର କରି ଓଡ଼ିଆ ଚଳଣି ଶ୍ରେଷ୍ଠତା ହାସଲ କରି ଆସିଛି । ମାର୍ଗଶିର ମାସ ଗୁରୁବାର ଝୋଟି ଶାରିରୀକ ବ୍ୟାୟାମ ସହିତ, ପ୍ରଚୁର ପିଠାପଣା ବ୍ୟବସ୍ଥା ଶାରିରୀକ ଶକ୍ତି ହାସଲ ନିମିତ୍ତ ଉଦ୍ଦିଷ୍ଟ । କାର୍ତ୍ତିକ ମାସର ହବିଷ, ଏକାଦଶୀର ଉପବାସ, ପୂର୍ଣ୍ଣିମା ଅମାବାସ୍ୟା ଓ ସଂକ୍ରାନ୍ତିରେ ଆମିଷ ନ ଖାଇବା ଏ ସମସ୍ତ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା କେବଳ ମାତ୍ର ଉତ୍ତମ ଜୀବନଶୈଳୀର ଲକ୍ଷ୍ୟ ହାସଲ ନିମନ୍ତେ । ପ୍ରଚୁର ପରିବା ଉତ୍ପାଦନ ସମୟରେ ଭିଟାମିନ ସାର ଖାଦ୍ୟ ଗ୍ରହଣ ନିମନ୍ତେ ଦ୍ୱିତୀୟା ଘାଣ୍ଟ, ଚୁଡ଼ା ଗୁଡ଼ ରାଶିଲଡୁ ଭୋଗ, ଖଇ ଗୁଡ଼, ଉଖୁଡା, ମୁଆଁ ଭୋଗ ବ୍ୟବସ୍ଥାର ପ୍ରଚଳନ କେବଳ ପ୍ରଥା ମାଧ୍ୟମରେ ଉଜ୍ଜୀବିତ ରଖିବାରେ ସହାୟକ ହୋଇ ଆସିଛି । ଚାଉଳ ଏବଂ ନଡ଼ିଆ ପୁଷ୍ଟିସାର ଯୁକ୍ତ ଅଟେ। ଓଡ଼ିଆ ଘରର ମଣ୍ଡାପିଠା, ଚିତାଲାଗି ଅମାବାସ୍ୟାରେ ଚିତଉପିଠା, ବକୁଳ ଅମାବାସ୍ୟାରେ ଗଇଁଠା କ୍ଷୀରି ଭୋଗ, ରଜପର୍ବର ଚାଉଳ ପୋଡ଼ପିଠାର ବ୍ୟବସ୍ଥା, ମକର ସମୟରେ ଛାଙ୍କଲ ପିଠା ଯାହା ଘରେ ଘରେ ଆରିଶାପିଠା ରୂପେ ଖ୍ୟାତ, ବରା, ଗୁଲୁଗୁଲା, ଚକୁଳି, ବୁଢ଼ା ଚକୁଳି, କୁଆଁର ପୁନେଇଁ ଏବଂ ଖୁଦୁରୁକୁଣୀ ଓଷାରେ ଖଇ, ଛେନା ଭୋଗର ତାତ୍ପର୍ଯ୍ୟ ଭିନ୍ନ। ଏହାର କିଛି ମାତ୍ରାରେ ବ୍ୟତିକ୍ରମ କେବଳ ଆଧୁନିକତାର ପ୍ରବେଶ ନିମିତ୍ତ ହୋଇ ସାରିଛି। ଘୋର ମାନସିକତାର ଏବଂ ସମୟର ଅଭାବରେ ବ୍ୟଥିତ ପ୍ରଥା ଯତ୍ କିଞ୍ଚିତ୍ ଅସ୍ତିତ୍ୱ ବଜାୟ ରଖିଛି ଏବଂ ବୁଡ଼ି ଯାଉଥିବା ପରମ୍ପରା ପହଁରି ପହଁରି ବଞ୍ଚିବାର ପ୍ରୟାସ ଜାରି ରଖିଛି ।











**ବିଭିନ୍ନ ଉତ୍ସବ, ବାହାଘର ଓ ବ୍ରତଘର ଇତ୍ୟାଦିରେ ସେବେକାର ପ୍ରଥା ଆଉ ନାହିଁ କହିଲେ ଚଳେ। ସମୟର ତାଳେତାଳେ ବଦଳି ଯାଇଛି କିଛି ପରମ୍ପରା ଯାହା କେବଳ ମନକୁ ବିଚଳିତ କରୁନି ବରଂ ଏମିତି ଏକ ଦୋଛକିରେ ଠିଆ କରେଇଦେଇଛି କି ସେଥିରୁ ମୁକୁଳିବା ସମ୍ଭବ ନୁହେଁ। ସାପ ମାରିଲେ ମଲୁ; ସାପକୁ ମାରିଲେ ମଲୁ ଭଳି ଅବସ୍ଥା। ପୁରୁଣା ପ୍ରଥାକୁ ମାନିଲେ ଯୁବ ପିଢ଼ି କ୍ଷୁବ୍ଧ, ନମାନିଲେ ପୁରୁଣା ପିଢ଼ି ଅନ୍ୟମନସ୍କ। ସଭିଙ୍କି ଖୁସି ରଖିବାର ପ୍ରୟାସ ରେ ନାକେଦମ ହଉଛି ମଝିଲା ପିଢ଼ି। ଅଧିକ ନୂଆ ପ୍ରଥା ଅଳ୍ପ ପୁରୁଣା ପ୍ରଥା ର ମିଶ୍ରଣ ରେ ହଉଛି ଏବେକାର ବ୍ରତ ଓ ବିବାହ ଉତ୍ସବ। ସମୟ ସହିତ ବଦଳିଗଲା ସବୁକିଛି। କିଛି ସେବେକାର ଓ କିଛି ଏବେକାର ପ୍ରଥାକୁ ନେଇ ଏ ଆଲେଖ୍ୟ।**

ଉପସ୍ଥାପନା : କୈଳାସ ଚନ୍ଦ୍ର ଶତପଥୀ

# ସେବେ : ଏବେ

କିଛି ବର୍ଷ ପୂର୍ବର କଥା ମନେପକାନ୍ତୁ, ସେ ସମୟରେ ବିବାହ ଉତ୍ସବର ବରଯାତ୍ରୀ ପହଞ୍ଚିବା ପରେ କନ୍ୟା ପକ୍ଷ ପ୍ରଥମେ ବରଯାତ୍ରୀଙ୍କୁ ଥଣ୍ଡା, ସର୍ବତ ଇତ୍ୟାଦି ଦେଇ ଜ୍ୱାଇଁଙ୍କୁ ନିମନ୍ତ୍ରଣ କରି ବାଟବରଣ କରୁଥିଲେ। ତାପରେ ବରଯାତ୍ରୀଙ୍କ ପାଇଁ ଗୋଟେ ଜଳଖିଆ (ଆଳି-ପଣା) ପ୍ରାୟତଃ ମିଠା ଖାଦ୍ୟ ସାମଗ୍ରୀ ରହୁଥିବା ଏକ ଭୋଜି ଦେଉଥିଲେ। କିନ୍ତୁ ଏବେ ବରଯାତ୍ରୀ ନାଚ ଗୀତ ଗାଇ ବାହାରିବା ପୂର୍ବରୁ ସେଠାରେ ଜଳଖିଆ, ଥଣ୍ଡା ପାନୀୟ ଦେଇ ପୁରୁଣା ଆଳିପଣା ପ୍ରଥାକୁ ସବୁଦିନ ପାଇଁ ବନ୍ଦ କରିଦିଆଗଲାଣି। ତା ବଦଳରେ ଭେଜ୍ ଓ ନନ୍ ଭେଜ୍ ସମ୍ବଳିତ ଷ୍ଟାଟର୍ ଓ ମେନ କୋର୍ସ ସହିତ ମକ୍-ଟେଲ୍ ଓ ଡେଜର୍ଟ୍ ନାମିତ ଏକ ବ୍ୟୟବହୁଳ ଭୋଜିରେ ବରଯାତ୍ରୀଙ୍କୁ ଆପ୍ୟାୟିତ କରାଯାଉଛି।

ପୂର୍ବରୁ ବିବାହ କି ବ୍ରତଘର ଉତ୍ସବର ସମସ୍ତ କର୍ମ ସରିବାପରେ ସନ୍ଧ୍ୟାରେ ବେଦୀ ପାଖରେ ଏକ ଫୁଲସଭାର ଆୟୋଜନ କରାଯାଉଥିଲା। ସେଥିରେ ବିଦ୍ୱାନ୍, ବୟସ୍କ ଓ ମୁରବୀ ସମୂହ ଯୋଗ ଦେଇ ଶ୍ଳୋକଗାନ ପୂର୍ବକ ବରକନ୍ୟା ଓ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ଦେଉଥିଲେ। ଏବେ ସେ ପ୍ରଥା ଆଉ ନାହିଁ କି ତା ବଦଳରେ କିଛି ନୂତନ ପ୍ରଥା ବି ହେଉନାହିଁ। ଏକ ଜ୍ଞାନବର୍ଦ୍ଧକ ପରମ୍ପରା ଏବେ ସମ୍ପୂର୍ଣ୍ଣ ବିଲୁପ୍ତ। ବ୍ରତଘର ସରିବା ପରେ ସପ୍ତମଙ୍ଗଳା ପର୍ଯ୍ୟନ୍ତ ବ୍ରହ୍ମଚାରୀଙ୍କୁ ବେଦୀ ବନ୍ଦାଣ ଆଉ ନାହିଁ। ବେଦୀ ତ ନଥିବ ପୁଣି ବେଦୀ ବନ୍ଦାଣ କେମିତି ହେବ ? ଟେଣ୍ଟ ହାଉସ୍ ବାଲା ବ୍ରତଘର ପରଦିନ ବେଦୀ ଭାଙ୍ଗି ଦେଇଥିବ। କିଛି ପଣ୍ଡିତ ମଧ୍ୟ ସେହି ଦିନ ବେଦୀରେ ସାତ ଦିନ ପାଇଁ ବନ୍ଦାଣ ବିଧି ସାରି ଦେବାକୁ କହୁଛନ୍ତି। ଆଉ କିଛି ଲୋକଙ୍କ ଘରେ ପୁରୁଣା କାଳିଆ ଗୁରୁଜନ ଥିଲେ ସେମାନେ ବେଦୀ ବଦଳରେ ଘରେ ଠାକୁରଙ୍କ ପାଖରେ ବ୍ରହ୍ମ ଚାରୀଙ୍କୁ ବନ୍ଦାଣ ବିଧି କରାଉଛନ୍ତି। ନିଜକୁ ସୁହାଇଲା ଭଳି ବ୍ୟବସ୍ଥାକୁ ଆଦରିବା ପାଇଁ ସମସ୍ତଙ୍କ ବ୍ୟାକୁଳତା ଦେଖିବାକୁ ମିଳୁଛି।

ବିବାହ ଉତ୍ସବରେ ବର ପକ୍ଷର ଭୋଜି ବା ରିସେପସନ୍ ବୋଲି କିଛି ନ ଥିଲା। ଯେଉଁ ବନ୍ଧୁବାନ୍ଧବ ଆସୁଥିଲେ ସେମାନେ ଓ ଗ୍ରାମବାସୀମାନେ ମିଶି ମଙ୍ଗନ ବା ବିବାହ ପୂର୍ବଦିନ ଭୋଜିର ଆୟୋଜନ କରୁଥିଲେ। ତାହାକୁ ମଙ୍ଗଳକୃତ ବା ମଙ୍ଗନ୍ ଭୋଜି ବୋଲି କୁହାଯାଉଥିଲା।

ଏବେ ମଙ୍ଗଳକୃତ୍ୟର ଜାଗା ମାଡ଼ି ବସିଲାଣି ହଳଦୀ, ମେହେନ୍ଦି ସହିତ ରିସେପସନ୍। ଗୋଟିଏ ବିବାହ ଉତ୍ସବରେ ଏବେ ଚାରିଟି ଭୋଜି। କନ୍ୟାପକ୍ଷର ହଳଦୀ, ମେହେନ୍ଦୀ ସହିତ ଆଉ ଏକ ସଙ୍ଗୀତ କାର୍ଯ୍ୟକ୍ରମ ବି ହେଉଛି। ପୁରୁଣା ପରମ୍ପରାକୁ ସାକାର କରିବା ପାଇଁ ଆଗ୍ରହ ନାହିଁ କି ଆନ୍ତରିକତା ନାହିଁ କାରଣ ବଡିଜାଇ ଅନୁକୂଳ, ଦିଅଁମଙ୍ଗୁଳା, ହାଣ୍ଡିମଙ୍ଗୁଳା ଇତ୍ୟାଦି କରିବା ପାଇଁ ସାତ ଜଣ ମହିଳା ଯୋଗାଡ କରିବା ଏବେ କଷ୍ଟକର ବ୍ୟାପାର। ଯେଉଁ ବନ୍ଧୁବାନ୍ଧବମାନେ ବି ଆସୁଛନ୍ତି ସେମାନେ ମଧ୍ୟ କାଳେ କିଏ ତାଙ୍କୁ ପୁରୁଣା କାଳିଆ ଭାବିବେ ସେଥିପାଇଁ ସେ କାର୍ଯ୍ୟ କରିବାକୁ କି ମନେପକାଇବାକୁ ଉଚିତ ମନେକରୁନାହାଁନ୍ତି।

ଏବେ ବ୍ରତଘର ହେଲେ ବ୍ରହ୍ମଚାରୀ କୁ ପଇତା ଦେବାପାଇଁ ବି ଲୋକଙ୍କ ଅଭାବ। ସମସ୍ତେ ଫଟୋ ଉଠେଇବାରେ ବ୍ୟସ୍ତ ତେଣିକି ପ୍ରଥା ଓ ପରମ୍ପରା ଚୁଲିକି ଯାଉ। ବ୍ରତ ଓ ବିବାହ ଉତ୍ସବ ଏବେ ଖାଲି ପଇସା ଖର୍ଚ୍ଚ କରି ସାରି ଦିଆଯାଉଛି ଯେଉଁଥିରେ ପ୍ରଥା କମ୍ ଫେସନ୍ ଅଧିକ ଭଳି ପ୍ରତୀୟମାନ ହେଲାଣି। ସବୁଥିରେ ଏବେ ଆଧୁନିକତାର ପରିଭାଷା ଅଧିକ ମିଶି ବିଷାକ୍ତ ହୋଇଗଲାଣି। ବିଷାକ୍ତ ପଛରେ ଦୌଡି ମଣିଷ ଆକ୍ତାମାକ୍ତା ହେଲାଣି ସତ କିନ୍ତୁ କିଛି ଉପାୟ ନାହିଁ। ଏବେ ନୂଆ କଥା ଓ କଳେବର ପାଇଁ ସଭିଙ୍କର ଆଗ୍ରହ।

ଆଗରୁ ବିବାହ ବେଳେ ବର ସୁନ୍ଦର ଭାବରେ ଦାଢି କାଟି (କ୍ଲିନ୍ ସେଭ୍) ଚିକ୍କଣ ରହିବାକୁ ପସନ୍ଦ କରୁଥିଲେ କିନ୍ତୁ ଏବେ ରୂଢିଆ ମୁହଁ (ରୁକ୍ଷତା)କୁ ପସନ୍ଦ କରୁଛନ୍ତି। ସେଥିପାଇଁ ଅଧିକାଂଶ ବିବାହରେ ବର ଖୁଣ୍ଟାଖୁଣ୍ଟା କିମ୍ବା ଗହଳ ଦାଢି ରଖୁଛନ୍ତି। ବାହାଘରର ଏକ ପ୍ରଧାନ କାର୍ଯ୍ୟ ଭାବରେ ଏବେ ମେକଅପ୍‌କୁ ଗଣତି କରାଯାଉଛି। ଅତି କମ୍‌ରେ ମାସେ ପୂର୍ବରୁ ମେକଅପ୍ ପାଇଁ ପାର୍ଲର ବୁକ୍ କରାଯାଉଛି। ଅତି ଆଧୁନିକତାର ଚକ୍କର ରେ ଆମର ଗତି କୁଆଡେ ସେକଥା ଭାବିବାକୁ ସମୟ ନାହିଁ।

ବର ମଠାର ଧୋତି କିମ୍ବା ଚୁଡିଦାର ପଞ୍ଜାବି ପିନ୍ଧିବା ଏବେ ଆଉ ନାହିଁ ବରଂ ସେରୱାନି ନହେଲେ ସୁଟ୍ ବୁଟ୍ ପିନ୍ଧି ବାହା ହେବାକୁ ଅଧିକାଂଶ ପସନ୍ଦ କରୁଛନ୍ତି। ଶାଢୀ ବଦଳରେ ଲାଙ୍ଗା କିମ୍ବା ଲେହେଙ୍ଗା ହେଉଛି ଆଧୁନିକ ବାହାଘର ରେ କନ୍ୟାର ପରିଧାନ। ବାଡୁଅପାଣି, ବଉଳପାଟ, ଲବଣିଚାଉଳ, କନ୍ୟାବାସ, ଲଜ୍ଜା ହୋମ ଇତ୍ୟାଦି ପାଇଁ ଶାଢୀ ଏବେ ପୁରୁଣା ଓ ଅଭିଧାନର ଶବ୍ଦ ହୋଇ ରହିଛି। ଡ୍ରେସ ଡିଜାଇନର୍ ସବୁଥିପାଇଁ ଡ୍ରେସ୍ କୋର୍ଡ (କଣ ପିନ୍ଧିବେ) ସ୍ଥିର କରୁଛନ୍ତି।


ବରକନ୍ୟା ପରସ୍ପର କୁ ଦେଖାଚାହାଁ ପର୍ବ ର ନାଁ ଏବେ ପ୍ରି-ୱେଡିଙ୍ଗ୍‌ରେ ନାମିତ ହେଇସାରିଲାଣି। ବିବାହର ଯଥେଷ୍ଟ ପୂର୍ବରୁ ଅନ୍ତରଙ୍ଗ ମିଳାମିଶା, ଫଟୋ ଉଠା, ହୋଟେଲ କିମ୍ବା ହିଲ୍ ଷ୍ଟେସନ୍‌ରେ ରହିବା ଇତ୍ୟାଦି ପ୍ରି-ୱେଡିଙ୍ଗ୍ ର ଅନ୍ତର୍ଭୁକ୍ତ। ବିବାହ ସ୍ୱର୍ଗରେ ସ୍ଥିର ହୋଇ ମର୍ତ୍ତ୍ୟରେ ସମ୍ପାଦିତ ହେବା କଥା ଏବେ କେବଳ ଏକ ବାକ୍ୟ। ତା ବଦଳରେ ଏବେ ସଭିଏଁ ଆଧୁନିକତା ପଛରେ ଧାଇଁ ପ୍ରି-ୱେଡିଙ୍ଗ୍, ହଳଦୀ, ମେହେନ୍ଦୀ, ସଂଗୀତ ଓ ୱେଡିଙ୍ଗ୍ ମାୟାରେ ବାୟା। ତେଣୁ ସେବେକାର କଥା ଏବେକାର ଲୋକଙ୍କୁ କହିଲେ ପୁରୁଣାକାଳିଆ ବୋଲି କହି ଦୂରେଇଦେବେ। ସମୟ ସହିତ ତାଳ ଦେଇ ଆଗେଇବାରେ ସଭିଏଁ ବ୍ୟସ୍ତ କାରଣ ପୁରୁଣା ଢାଞ୍ଚାର ମଣିଷ ହେଇ ରହିବାକୁ କିଏ ବା ଚାହିଁବ।





- **ବରଯାତ୍ରୀଙ୍କ ପାଇଁ ଆଳିପଣା ଭୋଜି ପ୍ରଥା ଆଉ ନାହିଁ।**
- **ବନ୍ଦ ହୋଇଗଲାଣି 'ଫୁଲସଭା'**
- **ହଳଦୀ, ମେହେନ୍ଦି ଓ ସଙ୍ଗୀତ ମାଡ଼ି ବସିଲାଣି ମଙ୍ଗନ ବା ମଙ୍ଗଳକୃତ୍ୟର ଜାଗା**
- **ଦାଢି ରଖି ବାହାହେବା ଆଜିକାଲି ବରଙ୍କ ପସନ୍ଦ**
- **ପ୍ରି -ୱେଡିଙ୍ଗ ଫଟୋ ସୁଟ ନାଆଁରେ ବିବାହ ପୂର୍ବରୁ ବର କନ୍ୟାଙ୍କ ଅନ୍ତରଙ୍ଗ ମିଳାମିଶା**





## International Women's Day

# INVEST IN WOMEN: ACCELERATE PROGRESS



Nihar Ranjan Acharya



In today'srapidly evolving world, the imperative to invest in women has become not just a moral obligation but a strategic necessity. Gender equality isn't just about fairness; it's about progress, innovation, and sustainable development. By investing in women across all sectors of society, we can accelerate progress and unlock



the full potential of economies and communities worldwide.

One of the most significant investments any society can make is in its women. Yet, despite progress in recent decades, women continue to face barriers that limit their opportunities for advancement in various spheres of life. From unequal access to education and healthcare to gender pay gaps and underrepresentation in leadership positions, the challenges are manifold. However, investing in women isn't just about addressing these disparities; it's about harnessing the transformative power of their potential.

Education lies at the heart of women's empowerment. Providing girls and women with access to quality education is a fundamental investment in their future and that of society as a whole. Educated women are more likely to participate in the labour force, earn higher incomes, and contribute to economic growth. Moreover, they are better equipped to make informed decisions about their health, well-being, and family planning, leading to healthier and more prosperous communities.

Beyond education, investing in women entrepreneurs is a key driver of economic development and innovation. Women owned businesses contribute significantly to job creation, economic diversification, and poverty alleviation. However, women entrepreneurs often face greater challenges in accessing finance, markets, and networks compared to their male counterparts. By providing them with the necessary support, mentorship, and resources, we can unlock their entrepreneurial potential and catalyze economic growth.

Furthermore, investing in women's health and well-being is essential for building resilient and inclusive societies. Access to reproductive healthcare, maternal and child health services, and nutrition programs not only improve women's health outcomes but also enhances their ability to participate fully in social, economic, and political life. By prioritizing women's health and rights, we can break the cycle of poverty and create a more equitable and just world for all.

Another critical aspect of investing in women is promoting gender diversity and inclusion in leadership and decision-making roles. When women are represented in leadership positions, whether in government, business, or civil society, they bring diverse perspectives, skills, and experiences to the table. This diversity drives innovation, fosters collaboration, and leads to more effective and sustainable solutions to complex challenges. Moreover, it sends a powerful message about the value of gender equality and inspires future generations of women leaders.

In addition to these societal benefits, investing in women yields significant returns on investment. Studies have shown that closing the gender gap in labour force participation could boost global GDP by trillions of dollars. Similarly, increasing women's access to financial services and digital technologies can unlock new markets, drive consumer spending, and fuel economic growth. By harnessing the economic potential of women, we can create more prosperous and resilient economies that benefit everyone.

As we celebrate International Women's Day and reflect on the progress we've made towards gender equality, let us recommit ourselves to investing in women and girls everywhere. Whether through policies, programs, or partnerships, each of us has a role to play in advancing the rights and opportunities of women. Together, we can build a world where every woman and girl has the chance to thrive, contribute, and lead.

In conclusion, investing in women isn't just the right thing to do; it's the smart thing to do. By empowering women, we empower communities, economies, and societies to reach their full potential. Let us seize this moment to accelerate progress towards a more equitable and inclusive world for all.

Founder & Working Director,
TRUST – a science lover organization
Scientific Officer, Indian Climate Congress
Email: nihar.acharya@rediffmail.com
Ph. 8249775817



ଭାଗ-୧ । ସଂଖ୍ୟା-୧୭ । ଭୁବନେଶ୍ୱର । ୧୧ ରୁ ୧୭ ମାର୍ଚ୍ଚ ୨୦୨୪
Vol-1 | Issue-17 | Bhubaneswar | 11 to 17 March 2024

# ନିର୍ବାଚନୀ ବଣ୍ଡ ମାମଲା: ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କଲା ଏସ୍‌ବିଆଇ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟଙ୍କ ତାଗିଦ ପରେ ନିର୍ବାଚନୀ ବଣ୍ଡର ସମସ୍ତ ତଥ୍ୟ ଗତକାଲି ନିର୍ବାଚନ କମିଶନଙ୍କୁ ହସ୍ତାନ୍ତର କରିଛି ଏସ୍‌ବିଆଇ। ଏହି ନିର୍ବାଚନୀ ବଣ୍ଡ ମାମଲାରେ ସୁପ୍ରମକୋର୍ଟରେ ସତ୍ୟପାଠ ଦାଖଲ କରିଛି ଭାରତୀୟ ଷ୍ଟେଟ ବ୍ୟାଙ୍କ।

ସତ୍ୟପାଠରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ଏପ୍ରିଲ ୨୦୧୯ରୁ ୧୫ଫେବୃଆରୀ ୨୦୨୪ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ୨୨ ହଜାର ୨୧୭ ନିର୍ବାଚନୀ ବଣ୍ଡ ଜାରି କରିଛି। ସେଥିରୁ ୨୨ ହଜାର ୩୦ଟି ବଣ୍ଡ ରିଡିମ୍ ହୋଇଥିବା ସତ୍ୟପାଠରେ ସୂଚନା ଦେଇଛି ଏସ୍‌ବିଆଇ। ତେବେ ବଳକା ୧୮୭ ବଣ୍ଡରେ ଥିବା ଟଙ୍କାକୁ ନିୟମ ଅନୁସାରେ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରେ ଜମା କରି ଦିଆଯାଇଛି।

୧ ଏପ୍ରିଲ ୨୦୧୯ରୁ ୧୧ ଏପ୍ରିଲ ୨୦୧୯ ମଧ୍ୟରେ ୩ ହଜାର ୩୪୬ ନିର୍ବାଚନୀ ବଣ୍ଡ ଜାରି ହୋଇଥିବା ବେଳେ ୧ ହଜାର ୬୦୯ ବଣ୍ଡ ରିଡିମ ହୋଇଛି ବୋଲି ସୁପ୍ରିମକୋର୍ଟଙ୍କୁ ଜଣାଇଛି ଭାରତୀୟ ଷ୍ଟେଟ ବ୍ୟାଙ୍କ।

ଏହି ସବୁ ତଥ୍ୟକୁ ଭାରତୀୟ ନିର୍ବାଚନ କମିଶନଙ୍କୁ ଏକ ପେନ ଡ୍ରାଇଭରେ ପ୍ରଦାନ କରାଯାଇଥିବା କୋର୍ଟଙ୍କୁ ଜଣାଇଛି ଷ୍ଟେଟ ବ୍ୟାଙ୍କ। ଏକ ବନ୍ଦ ଲଫାପା ଭିତରେ ପେନ୍ ଡ୍ରାଇଭ୍‌କୁ ରଖାଯାଇଛି। ଆଉ ପେନ୍ ଡ୍ରାଇଭ୍ ଭିତରେ ଦୁଇଟି ପିଡିଏଫ୍ ଫାଇଲ୍ ଫର୍ମାଟରେ ରହିଛି ସମସ୍ତ ଡାଟା। ଏହା ପାସୱାର୍ଡ ପ୍ରୋଟେକ୍ଟେଡ୍ ବୋଲି ସତ୍ୟପାଠରେ କହିଛି ଏସ୍‌ବିଆଇ।




ଏସବିଆଇ ସିଏମଡି ଦୀନେଶ ଖାରା ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ସେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇଛି। ନିର୍ବାଚନ ବଣ୍ଡ କ୍ରୟ ଏବଂ ବିକ୍ରୟ, ଏହାର କ୍ରେତାଙ୍କ ନାମ ସମେତ ସମସ୍ତ ଆନୁସଙ୍ଗିକ ସୂଚନା ସମ୍ବନ୍ଧରେ ଏସବିଆଇ ଏକ ରିପୋର୍ଟ ପ୍ରସ୍ତୁତ କରିଛି ଏବଂ ଏହା ଠିକ ସମୟରେ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇଛି।

କହିରଖୁ ଯେ, ସୁପ୍ରିମକୋର୍ଟ ଫେବୃଆରୀ ୧୫ ତାରିଖରେ ଏସବିଆଇକୁ ପ୍ରଥମେ ନିର୍ବାଚନ କମିଶନଙ୍କ ନିକଟରେ ମାର୍ଚ୍ଚ ୧୨ ସୁଦ୍ଧା ନିର୍ବାଚନୀ ବଣ୍ଡ ଦାଖଲ କରିବାକୁ କହିଥିଲେ। କିନ୍ତୁ ୨ ସପ୍ତାହ ପରେ ହଠାତ ଏସିବିଆଇ ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରିଥିଲା। ନିର୍ବାଚନ ଆୟୋଗଙ୍କ ନିକଟରେ ନିର୍ବାଚନ ବଣ୍ଡର ବିବରଣୀ ଦାଖଲ କରିବାକୁ ଏସବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା। ବିଭିନ୍ନ ପ୍ରକାରର ଆଳ ଦେଖାଇ ସମୟ ମାଗିବାକୁ ଚେଷ୍ଟା କରିଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ କିଛି ବି ଶୁଣି ନଥିଲେ। ଶୁଣାଣି ବେଳେ ଏସିବିଆଇକୁ ସୁପ୍ରିମକୋର୍ଟ ତାଗିଦ କରି ୨୪ ଘଣ୍ଟା ମଧ୍ୟରେ ତଥ୍ୟ ଦାଖଲ କରିବାକୁ କହିଥିଲେ।

ଗତ ଫେବ୍ରୁଆରୀ ୧୫ରେ ନିର୍ବାଚନୀ ବଣ୍ଡ ସ୍କିମକୁ ଅଣ ସାମ୍ବିଧାନିକ ବୋଲି ରାୟ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ବଣ୍ଡ ଜାରି କରିବା ତୁରନ୍ତ ବନ୍ଦ କରିବାକୁ ଝଇଓକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ।

## ଭାରତରୁ ଲୁଟି ଆମେରିକାରେ ଲୁଚିଥିଲେ, ୨୫ ବର୍ଷ ପରେ ବନ୍ଧା ହେଲେ

**ନୂଆଦିଲ୍ଲୀ:** ଭାରତରେ ବ୍ୟାଙ୍କ ଠକେଇରେ ଲକ୍ଷ ଲକ୍ଷ ଟଙ୍କା ଲୁଟି ଯୁକ୍ତରାଷ୍ଟ୍ର ଆମେରିକା ପଳାଇଥିଲେ। ସେଠାରେ ରାଜକୀୟ ଠାଣୀରେ ବଞ୍ଚୁଥିବା ବେଳେ ୨୫ ବର୍ଷ ପରେ ବାନ୍ଧିଛି ସିବିଆଇ। ଇଣ୍ଟରପୋଲ ସହାୟତା ଯୋଗୁ ଏହା ସମ୍ଭବ ହୋଇ ପାରିଥିବା କହିଛି ସିବିଆଇ। ଧରା ପଡ଼ିଥିବା ଅଭିଯୁକ୍ତଙ୍କ ନାଁ ରାଜୀବ ମେହେଟ୍ଟା। ନୂଆଦିଲ୍ଲୀରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ବ୍ରାଞ୍ଚରେ ରାଜୀବ ମେହେଟା ନିଜ ନାମରେ ମିଥ୍ୟା ଆକାଉଣ୍ଟ ଖୋଲିଥିଲେ। ବ୍ୟବସାୟରେ ବିଭିନ୍ନ ପାର୍ଟି ତଥା କମ୍ପାନୀମାନଙ୍କୁ ଠକିବାକୁ ସେ ଏହି ଆକାଉଣ୍ଟ କରିଥିବା କହିଛି ସିବିଆଇ । ଏହା ମାଧ୍ୟମରେ ସେ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। ଏନେଇ ୧୯୯୮ ମସିହାରେ ରାଜୀବ ମେହେଟ୍ଟାକ ନାଁରେ କ୍ରିମିନାଲ କେସ୍ ରୁଜୁ ହୋଇଥିଲା। ଧୋକା ଦେବା, ଚୋରି କରିବା, ଅପରାଧିକ ଷଡଯନ୍ତ୍ର ଆଦି ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ଏହାପରେ ସେ ଆମେରିକା ଫେରାର ହୋଇ ଯାଇଥିଲେ। କୋର୍ଟ ଏହି ମାମଲାର ବିଚାର କରି ରାଜୀବଙ୍କୁ ଜଣେ ଅଭ୍ୟାସଗତ ଚୋର ବୋଲି ଆଖ୍ୟା ଦେଇଥିଲେ। ଏହାପରେ ରାଜୀବଙ୍କ ନାଁରେ ୨୦୦୦ ମସିହାରେ ଇଣ୍ଟରପୋଲରେ ରେଡ କର୍ଣ୍ଣର ନୋଟିସ୍ ଜାରି କରାଯାଇଥିଲା।

## ଡ୍ରଗ୍ସ ରାକେଟ୍ ମାମଲାରେ ବନ୍ଧା ହେଲେ ଫିଲ୍ମ ନିର୍ମାତା

**ନୂଆଦିଲ୍ଲୀ:** ଡ୍ରଗ୍ସ ରାକେଟ୍ ମାମଲାରେ ଧରା ପଡିଲେ ଫିଲ୍ମ ନିର୍ମାତା । ଦେଶ ବାହାରକୁ ୨୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟ ଡ୍ରଗ୍ସ ଚାଲାଣ କରୁଥିବା ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ତାମିଲ ଫିଲ୍ମ ନିର୍ମାତା ଜାଫର ସାଦିକଙ୍କୁ ଗିରଫ କରିଛି। ଚାରି ମାସ ଧରି ସାଦିକଙ୍କୁ ଖୋଜିବା ପରେ ଶେଷ ଶନିବାର ତାଙ୍କୁ ଏନ୍‌ସିବି ଗିରଫ କରିବାରେ ସଫଳ ହୋଇଛି। ଏନ୍‌ସିବି ସାଦିକଙ୍କୁ ଭାରତ-ଅଷ୍ଟ୍ରେଲିଆ-ନ୍ୟୁଜଲାଣ୍ଡ ଡ୍ରଗ୍ସ ଚାଲାଣ ନେଟୱର୍କର 'କିଙ୍ଗପିନ୍' ବୋଲି ମଧ୍ୟ କହିଛି। ଫିଲ୍ମ ନିର୍ମାତାଙ୍କ ସମେତ ୩ ଜଣଙ୍କୁ ଏନ୍‌ସିବି ଆଜି ଏହି ଡ୍ରଗ୍ସ ଚାଲାଣ ମାମଲାରେ ଦିଲ୍ଲୀରୁ ଗିରଫ କରିଛି। ସେମମାନଙ୍କ ନିକଟରୁ ୫୦ କେଜିରୁ ଅଧିକ ଡ୍ରଗ୍ସ ଜବତ ହୋଇଛି।



ଏନ୍‌ସିବି ଅନୁସାରେ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରୁ ୨୦୦୦ କୋଟି ଟଙ୍କାର ଡ୍ରଗ୍ସ ଚାଲାଣ କରିଥିବା ନେଇ ସାଦିକ ବିରୋଧରେ ଅଭିଯୋଗ ରହିଛି। ଜଣେ ଅଧିକାରୀଙ୍କ କହିବା ମୁତାବକ, ଅଭିଯୁକ୍ତମାନେ ବିଭିନ୍ନ ଦେଶକୁ ୪୫ରୁ ଅଧିକ ଥର ୩,୫୦୦ କିଲୋଗ୍ରାମର (ସିଉଡୋଫେଡ୍ରାଇନ୍) ଏକ ପ୍ରକାର ନିଶା ଦ୍ରବ୍ୟ ଚାଲାଣ କରିଛନ୍ତି।

ଅଭିଯୁକ୍ତମାନେ କାର୍ଗୋ ବିମାନ ଜରିଆରେ ଏହି ଡ୍ରଗ୍ସକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଯେପରିକି ପ୍ରୋଟିନ୍ ? ପାଉଡର୍ ଓ ଶୁଖିଲା ନଡ଼ିଆ ଗୁଣ୍ଡରେ ଲୁଚାଇ ଚାଲାଣ କରୁଥିଲେ ବୋଲି ଏନ୍‌ସିବି କହିଛି।

ଏନ୍‌ସିବି ଓ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଫିଲ୍ମ ନିର୍ମାତା ତଥା ପୂର୍ବତନ ଡିଏମ୍‌କେ ନେତା ଜାଫର ସାଦିକଙ୍କୁ ଦୁଇ ସପ୍ତାହ ଧରି ଜେରା କରିବ। ଡ୍ରାଗ୍ସ ଚାଲାଣ କରି ସାଦିକ କୋଟି କୋଟି ଟଙ୍କା ଅର୍ଜନ କରିଛନ୍ତି। ଏହି ଟଙ୍କାକୁ ସେ ନିଜ ଫିଲ୍ମ, କନ୍‌ଷ୍ଟ୍ରକ୍ସନ ଓ ହସ୍ପିଟାଲିଟି କାମରେ ଲଗାଇଛନ୍ତି ବୋଲି ଏନ୍‌ସିବି କହିଛି।

କହିରଖୁ ଯେ, ସାଉଥ ଫିଲ୍ମର ଜଣାଶୁଣା ନିର୍ଦ୍ଦେଶ ଜାଫର ସାଦିକ ବର୍ତ୍ତମାନ ସୁଦ୍ଧା ୪ଟି ଫିଲ୍ମି ତିଆରି କରିଛନ୍ତି। ତାଙ୍କର ଶେଷ ଫିଲ୍ମ ଚଳିତ ମାସରେ ରିଲିଜ ହେବ।

## 'ଧାରା ୩୭୦ ଉପରେ ଟିପ୍ପଣୀ କରିବା ଅପରାଧ ନୁହେଁ'

**ନୂଆଦିଲ୍ଲୀ:** 'ପ୍ରତ୍ୟେକ ବ୍ୟକ୍ତିଙ୍କ ରହିଛି ବାକ୍ ସ୍ୱାଧିନତା ଅଧିକାର। ରାଷ୍ଟ୍ରର ଯେ କୌଣସି ନିଷ୍ପତ୍ତି ଉପରେ ନିଜ ନିଜ ବ୍ୟକ୍ତିଗତ ଟିପ୍ପଣୀ ଦେଇପାରିବେ ବ୍ୟକ୍ତି। ପାକିସ୍ତାନକୁ ସ୍ୱାଧିନତା ଶୁଭେଚ୍ଛା ଜଣାଇବା ଓ ଧାରା ୩୭୦ ଉଚ୍ଛେଦକୁ ନେଇ ସମାଲୋଚନା କରିବା ଅପରାଧ ନୁହେଁ।' ଧାରା ୩୭୦ ଉଚ୍ଛେଦକୁ ସମାଲୋଚନା କରି ହ୍ୱାଟ୍ସଆପ୍‌ରେ ମେସେଜ୍ ପୋଷ୍ଟ କରିଥିବା ଜଣେ ପ୍ରଫେସରଙ୍କ ବିରୋଧରେ ହୋଇଥିବା ମାମଲାକୁ ସୁପ୍ରିମକୋର୍ଟ ଖାରଜ କରି ଏଭଳି କିଛି କହିଛନ୍ତି।

କୌଣସି ଦେଶର ସ୍ୱାଧିନତା ଦିବସରେ ସେଠାକାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ଅଧିକାର ସମସ୍ତଙ୍କର ରହିଛି। ପାକିସ୍ତାନର ସ୍ୱାଧିନତା ଦିବସରେ ସେଠାର ନାଗରିକଙ୍କୁ କୌଣସି ଭାରତୀୟ ଶୁଭେଚ୍ଛା ଜଣାଇବାରେ କିଛି ଭୁଲ୍ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୯(୧)(ଏ)ରେ ବାକ୍ ? ସ୍ୱାଧିନତାର ଅଧିକାର ସମସ୍ତଙ୍କୁ ଦିଆଯାଇଛି। ଏହି ଗ୍ୟାରେଣ୍ଟି ବଳରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେଉ କି ସରକାରଙ୍କ ଯେକୌଣସି ନିଷ୍ପତ୍ତି, ଏହାକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ଏହା ଅପରାଧ ନୁହେଁ ବୋଲି ଜଷ୍ଟିସ୍ ଅଭୟ ଏସ. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ସେପଟେ ଏହି ମାମଲାକୁ ନେଇ ପୁଲିସକୁ ମଧ୍ୟ କଡା



ତାଗିଦ କରିଛନ୍ତି ସୁପ୍ରିମକୋର୍ଟ। ସମୟ ଆସିଛି ଯେ ଧାରା ୧୯ (୧) (କ) ବିଷୟରେ ପୁଲିସ ବ୍ୟବସ୍ଥାକୁ ଅଧିକ ସୂଚନା ଦିଆଯିବା ଉଚିତ୍ ବୋଲି କୋର୍ଟ କହିଛନ୍ତି। ପ୍ରକୃତରେ ଧାରା ୩୭୦ ଉଚ୍ଛେଦକୁ ନେଇ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ପ୍ରଫେସର ଜାଭେଦ ଅହମଦ ହାଜମ 'ଅଗଷ୍ଟ ୫ ଜମ୍ମୁ-କଶ୍ମୀର ପାଇଁ କଳାଦିବସ' ବୋଲି ଲେଖିବା ସହ ଅଗଷ୍ଟ ୧୪ ପାକିସ୍ତାନ ସ୍ୱାଧୀନତା ଦିବସ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହାକୁ ନେଇ ବିବାଦ ଉପୁଜି ଥିଲା। ମହାରାଷ୍ଟ୍ର ପୁଲିସ ତାଙ୍କ ବିରୋଧରେ ଧାରା ୧୫୩ଏ (ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବା)ରେ ମାମଲା ରୁଜୁ କରିଥିଲା। ପ୍ରଥମେ ବମ୍ବେ ହାଇକୋର୍ଟରେ ଏହି ମାମଲାକୁ ଖାରଜ କରିବା ପାଇଁ ପ୍ରଫେସର ଜାଭେଦ ଆବେଦନ କରିଥିଲେ। କିନ୍ତୁ ବମ୍ବେ ହାଇକୋର୍ଟ ମନା କରିଦେଇଥିଲେ। ଏହାପରେ ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## CAAକୁ ବିରୋଧ, ସୁପ୍ରିମକୋର୍ଟ ଗଲା ଇଣ୍ଡିଆନ୍ ୟୁନିଅନ ମୁସଲିମ୍ ଲିଗ୍

**ନୂଆଦିଲ୍ଲୀ:** ଦେଶରେ ଲାଗୁ ହୋଇଛି ନାଗରିକତ୍ୱ ସଂଶୋଧ ଆଇନ। ତେବେ ଏହା ଏବେ ସୁପ୍ରିମକୋର୍ଟରେ ପହଞ୍ଚି। ସିଏଏକୁ ବିରୋଧ କରି ସୁପ୍ରିମକୋର୍ଟରେ ଦାଖଲ ହୋଇଛି ଆବେଦନ। ଇଣ୍ଡିଆନ୍ ୟୁନିଅନ ମୁସଲିମ୍ ଲିଗ୍ ତଥା IUML ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଛି। ସିଏଏକୁ ନେଇ ଜାରି ହୋଇଥିବା ବିଜ୍ଞପ୍ତି ଉପରେ ରୋକ ଲଗାଇବା ପାଇଁ ଆଇୟୁଏମ୍‌ଏଲ୍ ନିଜ ଆବେଦନରେ ଦାବି କରିଛି।

IUML କହିଛି ଯେ, ଉଇଇ ହେଉଛି ଅସାମ୍ବିଧାନିକ। ମୁସଲମାନମାନଙ୍କ ପ୍ରତି ଭେଦଭାବପୂର୍ଣ୍ଣ। ନାଗରିକତ୍ୱ ଅଧିନିୟମ ଅନୁଯାୟୀ କେବଳ କେତେକ ଧର୍ମର ଲୋକଙ୍କୁ ନାଗରିକତ୍ୱ ଦିଆଯିବ। ଯାହା ଧାର୍ମିକ ପରିଚୟ ଆଧାରରେ ବର୍ଗୀକରଣ ଭାରତୀୟ ସମ୍ବିଧାନର ଧାରା ୧୪ ଏବଂ ଧର୍ମନିରପେକ୍ଷ ନୀତିର ଉଲ୍ଲଂଘନ କରିଛି। ତେଣୁ ଏହି ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ହୋଇଥିବା ପ୍ରାୟ ୨୫୦ ବିଚାରାଧୀନ ଆବେଦନ ଉପରେ ସୁପ୍ରିମକୋର୍ଟ ତାଙ୍କ ରାୟ ନଶୁଣାଇବା ଯାଏଁ ଉଇଇ ନିୟମର କାର୍ଯ୍ୟକାରିତା ଉପରେ ରୋକ ଲଗାଇବା ଉଚିତ ବୋଲି ଆଇୟୁଏମ୍‌ଏଲ୍ ନିଜ ଆବେଦନରେ କହିଛି। କେନ୍ଦ୍ର ସରକାର ନାଗରିକତା ସଂଶୋଧନ ଆଇନ (ସିଏଏ) ବିଜ୍ଞପ୍ତି ଜାରି କରିବାପରେ ଏହାକୁ କଂଗ୍ରେସ ଓ ଡିଏମକେ ଭଳି ଅନେକ ବିରୋଧୀ ଦଳ ମଧ୍ୟ ବିରୋଧ କରିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ ଏହା କରାଯାଇଛି ବୋଲି କହିଛି କଂଗ୍ରେସ। ସିଏଏ ବିଜ୍ଞପ୍ତି ପାଇଁ ୯ ଥର ସମୟ ନେବା ପରେ ଏବେ ଏହାକୁ କାର୍ଯ୍ୟକାରୀ କରାଯାଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସବୁ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରୁଛନ୍ତି।

# ଈଶ୍ୱର ଏକ



**ରଣଜିତ୍ ପଟ୍ଟନାୟକ**
ମୁଖ୍ୟ ପ୍ରତିନିଧି




ଦିନେ ମୋର ଜଣେ ବନ୍ଧୁ ଆସି ମୋତେ କହିଲେ ଭାଇ ମୋର ଜଣେ ମୁସଲିମ୍ ସାଙ୍ଗ ମୋତେ ପଚାରୁଛି ତୁମେ ଗାଈ ପୂଜା କରୁଛ ଆମେ ତାକୁ ଖାଉଛୁ ତାହେଲେ କାହିଁକି ଆମେ ମରିଯାଉନାହୁଁ ଏବଂ ଆମକୁ କାହିଁକି ପୁରୀ ମନ୍ଦିରରେ ପଶିବାକୁ ଦିଆଯାଉ ନାହିଁ । ଯେତେବେଳେ କି ଆମେ ସମସ୍ତଙ୍କୁ ମସଜିଦ୍, ଦର୍ଘା ଭିତରେ ପ୍ରବେଶ କରିବାକୁ ଅନୁମତି ଦେଉଛୁ । ସେହି ପ୍ରଶ୍ନରେ ବନ୍ଧୁ ଜଣକ ନିରୁତ୍ତର ହୋଇ ପଳାଇ ଆସିଥିଲେ ।

ସେ ଯାହାବି ହେଉ ମୁଁ କିନ୍ତୁ ମୋର ସେହି ନିରୁତ୍ତର ବନ୍ଧୁଙ୍କୁ ମୋର ଏହା ଉପରେ ଥିବା କିଛି ମନ୍ତବ୍ୟ ଦେଇଥିଲି ଯାହା ମୁଁ ଉଲ୍ଲେଖ କରୁଛି । ହୁଏତ ଏହା କୌଣସି ଧର୍ମର ଲୋକଙ୍କୁ ଆଘାତ ଦେଇ ପାରେ କିନ୍ତୁ ଏହା ମୁଁ କୌଣସି ଧର୍ମ ବିରୋଧରେ କହୁନାହିଁ । ଏହା କେବଳ ମୋର ମନ୍ତବ୍ୟ ଯଦି କୌଣସି ଧର୍ମର ଲୋକଙ୍କୁ ଏହା ଆଘାତ ପହଞ୍ଚାଏ ତାହା ହେଲେ ମୋତେ କ୍ଷମା କରିବେ । କାରଣ ମୋର ଦୃଷ୍ଟିରେ ଜାତି, ଧର୍ମ ନିର୍ବିଶେଷରେ ଈଶ୍ୱର ଏକ ଏବଂ ମୁଁ ସବୁଧର୍ମର ଈଶ୍ୱରଙ୍କୁ ସମ୍ମାନ ଏବଂ ଭକ୍ତି କରିଥାଏ ।

ଭାଇ ସ୍ୱାଧିନତା ପୂର୍ବରୁ ଯେତେବେଳେ ଭାରତ ଦୁଇଭାଗ ହୋଇ ନଥିଲା ସେତେବେଳେ ଭାରତ ଅଖଣ୍ଡ ଭାରତ ବୋଲାଉଥିଲା ଏବଂ ଅବିଭକ୍ତ ପାକିସ୍ତାନର ଲୋକ ମଧ୍ୟ ଭାରତର ସ୍ୱାଧିନତା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ କିନ୍ତୁ ଯେତେବେଳେ ଭାରତ ବିଭକ୍ତ ହେଲା ଏବଂ ପାକିସ୍ତାନ ସୃଷ୍ଟି ହେଲା ସେତେବେଳେ ତାଙ୍କର ମନୋବୃତ୍ତି ମଧ୍ୟ ବଦଳି ଗଲା । ପରସ୍ପର ପରସ୍ପର ବିରୋଧରେ ନିଜର ଦେଶର ଲୋକଙ୍କୁ ମନରେ ଏପରି ବିଷ ଭରିଦେଲେ ଯାହାର ପରିଣାମ ଆମ ଆଗରେ । ଆଜି ଜଣେ ଭାରତୀୟ କିମ୍ବା ପାକିସ୍ତାନର ଶିଶୁକୁ ଯଦି ଅନ୍ୟ ଦେଶ ବିଷୟରେ ପଚରା ଯାଏ ସେ କହିବ ଏହା ହେଉଛି ଆମର ଶତ୍ରୁ ଦେଶ । ଏପରିକି ଦୁଇଦେଶ ମଧ୍ୟରେ ଯଦି କ୍ରିକେଟ୍ ଖେଳଟିଏ ହେଲା, ତେବେ ଲୋକେ ତାଙ୍କୁ ଯୁଦ୍ଧ ହେଲା ପରି ମନେ କରି ଉଭୟେ ନିଜର ଦେଶର ବିଜୟ କାମନା କରି ପୂଜା ଅର୍ଚ୍ଚନା କରିବାରେ ଲାଗି ପଡୁଛନ୍ତି । ସତେକି ଖେଳଟିଏ ଜିତିଲେ ସେମାନେ ଯୁଦ୍ଧଟିଏ ଜିତିଯିବେ । ଏହି ପରି ବିକୃତ ଚିନ୍ତା ଧାରାର ସୃଷ୍ଟି ମାତ୍ର କିଛି ବର୍ଷ ପୂର୍ବରୁ ହୋଇଛି ।

ହଜାର ବର୍ଷର ଇତିହାସ ହେଉଛି ଏହାର ମୂକ ସାକ୍ଷୀ ଯେ ଭାରତକୁ ଯେତେବେଳେ କୌଣସି ମୁସଲିମ ଶାସକ ଆକ୍ରମଣ କରିଛନ୍ତି ସେମାନେ ଭାରତକୁ ଲୁଣ୍ଠନ କରିବା ସହିତ ହିନ୍ଦୁଧର୍ମର ମନ୍ଦିର ରୁ ଧନ ସମ୍ପଦ ଲୁଣ୍ଠନ ସହିତ ସେଗୁଡିକୁ ଧ୍ୱଂସ କରିବାକୁ ପଛାଇ ନାହାଁତି । ଏଥିରୁ ମୁସଲିମ୍ ଶାସକଙ୍କ ମନରେ ହିନ୍ଦୁଧର୍ମ ପ୍ରତି ଥିବା ବିତୃଷ୍ଣା ସ୍ପଷ୍ଟ ବାରିହୁଏ । ମୁସଲିମ ଶାସକ ମାନଙ୍କର ମୂଳଲକ୍ଷ୍ୟ ରହିଛି ହିନ୍ଦୁ ଧର୍ମର ଅବସାନ ଘଟାଇ ନିଜଧର୍ମର ବାନା ଉଡାଇବା । ହିନ୍ଦୁ ଧର୍ମର କିର୍ତ୍ତୀକୁ ଧୂଳିସାତ କରିବା ହିନ୍ଦୁ ଧର୍ମର ଦେବଦେବୀକୁ ଅବମାନ କରିବା । ହୁଏତ ତାଙ୍କର ଏହି ବିକୃତ ମନବୃତ୍ତି ପ୍ରତିଫଳ ଯେଉଁଥିପାଇଁ ଶାସକମାନେ, ଶାସ୍ତ୍ରକାର ମାନେ ନୀତି ଓ ନିୟମକୁ ବାଧ୍ୟହୋଇ ପରିବର୍ତ୍ତନ କରିଛନ୍ତି ଏବଂ ମନ୍ଦିରରେ ବିଧର୍ମୀ ପ୍ରବେଶକୁ ନିଷେଧ କରି ଥାଇ ପାରନ୍ତି । ଏହା ପଛରେ ଶାସ୍ତ୍ରକାର ମାନଙ୍କର କୌଣସି ଧର୍ମ ବିରୋଧ ମନୋଭାବ ନଥିବା ଭଳି ମନେହୁଏ । କେବଳ ନିଜ ଧର୍ମର ସୁରକ୍ଷା ମନୋଭାବ ହିଁ ଥାଇପାରେ । ସେ ଯାହା ହେଉନା କାହିଁକି ଏବେ ଦେଖିବା ମୁସଲିମମାନେ କହୁଛନ୍ତି, ତୁମେ ଆମକୁ ମନ୍ଦିର ପ୍ରବେଶ କରିବାକୁ ଦେଉ ନାହଁ । ସେମାନେ ଯଦି କହୁଛନ୍ତି ଯେ ତାଙ୍କ ଧର୍ମ ଶ୍ରେଷ୍ଠ ତାହେଲେ ସେମାନେ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରିବା ପାଇଁ କାହିଁକି ଚାହୁଁଛନ୍ତି ? ଭକ୍ତିରେ ନା କେବଳ ହିନ୍ଦୁ ଧର୍ମର ଲୋକଙ୍କ ମନରେ ଆଘାତ ଦେବା ପାଇଁ। ନାଁ କେବଳ ମନ୍ଦିରର କଳା କୃତି ଦେଖିବା ପାଇଁ ? ମନରେ ଏଭଳି ସନ୍ଦେହ ଆସିବା ସ୍ୱାଭାବିକ । ଯଦି କହୁଛ ଭକ୍ତିରେ ତାହେଲେ ସମ୍ପୂର୍ଣ୍ଣ ମିଛ। ଭକ୍ତ ପାଇଁ ଈଶ୍ୱର ସର୍ବତ୍ର ବିଦ୍ୟମାନ, ଭକ୍ତ ଈଶ୍ୱରଙ୍କୁ ସବୁଠାରେ ଅନୁଭବ କରେ, ଦେଖିପାରେ ଈଶ୍ୱର କେବଳ ଗୋଟିଏ ନିର୍ଦ୍ଦିଷ୍ଟ ମନ୍ଦିର ଭିତରେ ନାହାନ୍ତି। ତା'ଛଡା ଯଦି ତୁମେ ଦର୍ଶନ ଚାହଁ" ପ୍ରଭୁ ଜଗନ୍ନାଥ ତ ତୁମକୁ ଦର୍ଶନ ଦେବା ପାଇଁ ପ୍ରତିବର୍ଷ ରଥରେ ବସି ବଡ଼ଦାଣ୍ଡ ଭ୍ରମଣ କରନ୍ତି ତୁମ ମାନଙ୍କ ଭଳି ଭକ୍ତ ପାଇଁ । ତୁମେ ଦର୍ଶନ କରି ପାରିବ ସେଥିରେ ବି କୌଣସି ବାରଣ ନାହିଁ । ଭକ୍ତ ସାଲବେଗ ଜଣେ ମୁସଲିମ୍ ସେତ ପୁଣି ତାଙ୍କ ଭକ୍ତିରେ ଜଗନ୍ନାଥଙ୍କୁ ଏପରି ବାନ୍ଧିଥିଲେ ଯେ ଜଗନ୍ନାଥ ତାଙ୍କ ପାଇଁ ନନ୍ଦିଘୋଷ ରଥକୁ ଅଟକାଇ ଦେଇଥିଲେ । ଦର୍ଶନ ପାଇଁ ମନରେ ସେପରି ଭକ୍ତି ଦରକାର । ଆଉ କେବଳ ଯଦି ମନ୍ଦିର କଳା ଓ ଭାସ୍କର୍ଯ୍ୟ ଦେଖିବାକୁ ଚାହୁଁଛନ୍ତି ତାହେଲେ ଜଗନ୍ନାଥଙ୍କ ବିନା ମନ୍ଦିର କେବଳ କିଛି ପ୍ରସ୍ତରର କଳାକୃତି । ତାକୁ ଦେଖିବାକୁ ଏତେ ବ୍ୟାକୁଳ କାହିଁକି ? ତୃଷାର୍ତ୍ତ ପାଇଁ ପାଣି ଦରକାର କେବଳ ଯେ ଗୋଟିଏ ନିର୍ଦ୍ଦିଷ୍ଟ ନଦୀରୁ ପାଣି ପିଇଲେ ତୃଷ୍ଣା ଯେ ମେଣ୍ଟିବ ତାହା ନୁହେଁ ଯେଉଁଠାରେ ମଧ୍ୟ ପାଣି ପିଇଲେ ତୃଷ୍ଣା ମେଣ୍ଟିବ । କିନ୍ତୁ ଯଦି ସେ କହୁଛି ଏକ ନିର୍ଦ୍ଦିଷ୍ଟ ନଦୀରୁ ହିଁ ପାଣି ପିଇବ ତାହାହେଲେ ସେ ଗୋଟିଏ ପାଗଳ ହୋଇପାରେ । ସେହିପରି ଗୋଟିଏ ପ୍ରକୃତ ଜଗନ୍ନାଥପ୍ରେମୀ ସବୁଠାରେ ଜଗନ୍ନାଥଙ୍କୁ ଦର୍ଶନ କରିପାରେ.

ବର୍ତ୍ତମାନ ଦେଖିବା, ଗାଈ ଖାଇବା କଥା । ଭାଇ କୌଣସି ଲୋକ ଯଦି କୌଣସି ଲୋକଙ୍କୁ ହତ୍ୟା କରେ ତାକୁ ଫାଶୀ ଦଣ୍ଡ ଦିଆଯାଏ ଏବଂ ସେହି ଲୋକଙ୍କୁ ଜଣେ ଲୋକ ହିଁ ଫାଶୀ ଖୁଣ୍ଟରେ ଝୁଲାଇ ହତ୍ୟାକରେ । କାମ ସମାନ ଗୋଟିଏ ଲୋକଙ୍କୁ ଜୀବନରୁ ମାରିବା । କିନ୍ତୁ ଜଣଙ୍କର ଏହି କାମକୁ ଅପରାଧ ବିବେଚନା କରାଯାଉଥିବା ବେଳେ ଅନ୍ୟଜଣଙ୍କ ଏଭଳି କାମକୁ ତାର କର୍ତ୍ତବ୍ୟ ରୂପେ ଧରାଯାଏ ଏବଂ ତାକୁ ପାରିଶ୍ରମିକ ମଧ୍ୟ ଦିଆଯାଏ ।

ସାଧୁସନ୍ଥମାନେ ହଜାର ହଜାର ବର୍ଷ ଧରି ତପସ୍ୟା କରି ଈଶ୍ୱରଙ୍କୁ ସାକ୍ଷାତ୍ କରୁଛନ୍ତି କିମ୍ବା ମୁକ୍ତି ପାଉଛନ୍ତି। କିନ୍ତୁ ଆମେ ଯଦି ଗୋଟିଏ ଗାଈକୁ ହତ୍ୟାକରି ଭାବିବା ଈଶ୍ୱର ଆମ ସମ୍ମୁଖରେ ଉପସ୍ଥିତ ହୋଇ ଆମକୁ ଦଣ୍ଡ ଦେବେ କିମ୍ବା ଆମକୁ ମାରି ମୁକ୍ତି କରିଦେବେ ତେବେ ତାହା ଆମର ଭ୍ରାନ୍ତ ଧାରଣା ଏହା ଅସମ୍ଭବ ଯଦି ଏମିତି ହୁଅନ୍ତା ତା ହେଲେ ସମସ୍ତେ ଏହି ମାର୍ଗ ଅନୁସରଣ କରିବେ । ବର୍ଷ ବର୍ଷ ଧରି ତପସ୍ୟା ନକରି ଏପରି ଧର୍ମ ବିରୋଧ କାର୍ଯ୍ୟ କରିବେ ଏବଂ ଈଶ୍ୱରଙ୍କ ହସ୍ତରେ ବଧ ହୋଇ ମୁକ୍ତି ପାଇଯିବେ । ମୁସଲିମ୍ ଧର୍ମରେ ଗାଈ ଭକ୍ଷଣ କରନ୍ତି ତାଙ୍କ ଧର୍ମାନୁଯାୟୀ ଏହା ପାପ ନୁହେଁ । କିନ୍ତୁ ଯଦି ଏହି କାର୍ଯ୍ୟ ସେମାନେ କେବଳ ହିନ୍ଦୁଧର୍ମର ଲୋକଙ୍କ ମନରେ ଆଘାତ ଦେବା ମନୋବୃତି ନେଇ କରୁଛନ୍ତି ତେବେ ତାହା ନିଶ୍ଚିତ ରୂପେ ପାପ ବିବେଚନା କରାଯିବ । ଏହି କୁକର୍ମର ଫଳ ସେମାନେ ଆଜି ନହେଲେ ବି କାଲି ନିଶ୍ଚୟ ଭୋଗିବେ । ନିଜ ଜୀବନ ବଞ୍ଚାଇବା ପାଇଁ ଅନ୍ୟର ହତ୍ୟା ହୁଏତ ପାପ ନହୋଇପାରେ କିନ୍ତୁ ଅକାରଣରେ ଜଣକୁ ହତ୍ୟା କରିବା ନିଶ୍ଚୟ ରୂପେ ପାପ ବିବେଚନା କରାଯିବ। ତେଣୁ ଗଭୀରତାକୁ ପ୍ରବେଶ କରିବା ଉଚିତ। ଅଜ୍ଞାନ ଭଳି କେବଳ ଯୁକ୍ତି କଲେ କୌଣସି ଫଳପ୍ରାପ୍ତି ହେବନାହିଁ । କେବଳ ଦୁଇ ଧର୍ମ ଭିତରେ ପରସ୍ପର ବିରୋଧୀ ଭାବ ଜାତ ହେବ ଏବଂ ମନୋମାଳିନ୍ୟ ହିଁ ସାରହେବ ।

ରାମକୃଷ୍ଣ ପରମହଂସଙ୍କ ମତରେ- "ଆମେ ଓଡିଆ ପାଣିକୁ ଜଳ କହୁ, ଇଂରେଜମାନେ ଓ୍ୱାଟର ଏବଂ ହିନ୍ଦୀମାନେ ପାନୀ କେବଳ ଭାଷା ବିଭେଦତା ଯୋଗୁଁ ଜଳର ନାମ ପରିବର୍ତ୍ତନ ହେଉଥିଲେ ମଧ୍ୟ ତାର କାମ ବଦଳେ ନାହିଁ । ଯେ କୌଣସି ଭାବରେ କହିଲେ ମଧ୍ୟ ତାହା ତୃଷ୍ଣା ମେଣ୍ଟାଉଥିବା ଜଳକୁ ହିଁ ବୁଝାଏ । ତେଣୁ ଭାଇ ଆମେ ବିଭିନ୍ନ ପ୍ରାନ୍ତରର ବିଭିନ୍ନ ଧର୍ମର ଲୋକ ଈଶ୍ୱରଙ୍କୁ ବିଭିନ୍ନ ନାମରେ ବୋଲାଉ। କିନ୍ତୁ ବାସ୍ତବରେ ଈଶ୍ୱର ଏକ" । ପରମାତ୍ମା ଏକ ।

ତେଣୁ ଭାଇ ଅଯଥା ତର୍କ ନକରି ନିଜ ନିଜର ବିଶ୍ୱାସ ଅନୁଯାୟୀ ଈଶ୍ୱରଙ୍କ ଅନୁସରଣ କରିବା ।

ତୁମେ ଯେ ଯେଉଁ ପଥ ଅନୁସରଣ କରୁଛ ତାହା ହିଁ ଠିକ୍ ଏବଂ ଅନ୍ୟ ମାନେ ଯେଉଁ ପଥ ଅନୁସରଣ କରୁଛନ୍ତି ତାହା ଭୁଲ ଭାବିବା ଠିକ୍ ନୁହେଁ । ମୂଳଲକ୍ଷ୍ୟ ଈଶ୍ୱର ପ୍ରାପ୍ତି ହେଉ ! ତେଣୁ ଭାଇ ମୋର ଅନୁରୋଧ ଶାନ୍ତିରେ ରୁହ ଅନ୍ୟକୁ ଶାନ୍ତିରେ ରହିବାକୁ ଦିଅ । ଅଯଥା ତର୍କ କରି ଅନ୍ୟର ଧର୍ମ ଭାବନାକୁ କ୍ଷୁର୍ଣ୍ଣ କରନାହିଁ। ଯେହେତୁ ଈଶ୍ୱର ଏକ ସେ ସର୍ବବ୍ୟାପି, ସେ ଆଲ୍ଲା, ସେ ରାମ, ସେ ହିଁ ଯୀଶୁ ତେଣୁ ଅଯଥା ଧର୍ମର ଦ୍ୱାହିରେ ଅଶାନ୍ତି, ଧର୍ମଯୁଦ୍ଧ ଓ ସମ୍ପ୍ରଦାୟିକ ଦଙ୍ଗାର ହିଂସାରୁ ନିବୃତ୍ତ ରହିବା ଉଚିତ ଓ ସେ ଈଶ୍ୱର ହୁଅନ୍ତୁ, ଆଲ୍ଲା ହୁଅନ୍ତୁ ବା ଯିଶୁ ହୁଅନ୍ତୁ ତାଙ୍କୁ ଭକ୍ତି କରନ୍ତୁ ଓ ସତ୍ୟ ଓ ନିୟମର ପଥରେ ଚାଲନ୍ତୁ ତାହାହିଁ ହେବ ପ୍ରକୃତ ଧର୍ମ ।

## ହଟିଲାନି ଜବର ଦଖଲ
# କଂକ୍ରିଟ ରାସ୍ତା ଖୋଳାଯାଇ ତିଆରି ହେଉଛି ନଳା

**ରଶ୍ମି ରଞ୍ଜନ ମହାରଥା**
ପୁରୀ, ଜିଲ୍ଲା ପ୍ରତିନିଧି

ପୁରୁ (ଭିଓଭି): ପରିବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ପୁରୁଣା ରାସ୍ତାକୁ ଚଉଡା କରିବା ପାଇଁ କେତେ କେତେ ନିର୍ମାଣ କୁ ଉଚ୍ଛେଦ କରାଯାଉଛି । କିନ୍ତୁ ଭବିଷ୍ୟତ କୁ ଅଣଦେଖା କରି ନଳା ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ କରିବା ପରିବର୍ତେ କଂକ୍ରିଟ୍ ରାସ୍ତା ଖୋଳି ନଳା ତିଆରି କରି ରାସ୍ତା ସଂକୁଚିତ କରିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ ପୌରପାଳିକା ୩୧ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ବିନୋବା ନଗରରେ । ବସ୍ତି ବାସିନ୍ଦା ଙ୍କ ଅଭିଯୋଗ ଅନୁସାରେ ପ୍ଲାନିଙ୍ଗ ନକ୍ସାରେ ବିନୋବା ନଗରରେ ୨୦ ଫୁଟ ଚଉଡାର ରାସ୍ତା ରହିଅଛି । କିନ୍ତୁ ରାସ୍ତାର ଉଭୟ ପଟୁ ଲୋକ ମାନେ ଜବର ଦଖଲ କରି ଘର, ବାରେଣ୍ଡା, ପାହାଚ, ପାଚେରୀ ଆଦି ନିର୍ମାଣ କରିବା ଦ୍ୱାରା ତାହା ଏବେ ୧୨ରୁ ୧୪ ଫୁଟରେ ଆସି ପହଁଚିଲାଣି । କେଉଁଠି କେଉଁଠି ତାହା ୮ – ୧୦ ଫୁଟ ମଧ୍ୟ ହୋଇ ଗଲାଣି । ଏବେ ବିନୋବା ନଗରରେ ନଳା ନିର୍ମାଣ କାର୍ଯ୍ୟ ଚାଲିଛି । ନଳା କାମ ଆରମ୍ଭ ପୂର୍ବରୁ ପୁରୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ମାପଚୁପ କରି କେଉଁ କେଉଁ ଜବର ଦଖଲ ଭଙ୍ଗା ଯିବ ସେଗୁଡିକରେ ଚିହ୍ନ ଦେଇଥିଲେଏବଂ ମ୍ୟୁନିସିପାଲିଟିର ଏନ୍‌ଫୋର୍ସମେଂଟ ଟିମ୍ ଲୋକମାନଙ୍କୁ ଜବର ଦଖଲ ହଟାଇ ଦେବାକୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଇଥିଲେ । କିଛି ଲୋକ ନିଜେ ନିଜର ନିର୍ମାଣ ଭାଙ୍ଗି ଦେଇ ନଳା ନିର୍ମାଣ ପାଇଁ ଯାଗା ଦେଇଥିଲେ । ସାହି ମଝି ପର୍ଯ୍ୟନ୍ତ ମଧ୍ୟ କଂକ୍ରିଟ ରାସ୍ତାର ଧାରେ ଧାରେ ନଳା ତିଆରି ହେଲା । କିନ୍ତୁ ସାହି ମଝିରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲ ଉଚ୍ଛେଦ ନକରି ସେହି ସ୍ଥାନ ମାନଙ୍କରେ ପିଡବ୍ଲ୍ୟୁଡି ତିଆରି କରିଥିବା କଂକ୍ରିଟ ରାସ୍ତାକୁ କାଟି ନଳାକୁ ବଙ୍କାଇ ନିର୍ମାଣ କରୁଛନ୍ତି । ଫଳରେ ସେଠାରେ ରାସ୍ତାର ଚଉଡା ମାତ୍ର ୮ ଫୁଟ ହୋଇ ଯାଇଛି । ଯାହା କି, ଭବିଷ୍ୟତରେ ଗୁରୁତର ରାସ୍ତା ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜିବୀ ମାନେ ଅଭିଯୋଗ କରିଛନ୍ତି । ସାହି ବାସିନ୍ଦାଙ୍କ ତରଫରୁ ପୁରୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଜବର ଦଖଲ ହଟାଯାଇ ନଳା ତିଆରି ହେବ ବୋଲି ପ୍ରତିଶୃତି ଦେଇ କର୍ତ୍ତୃପକ୍ଷ ନୀରବ ରହୁଛନ୍ତି । ତେଣୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଆଗକୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଯାଉଥିବାରୁ ତା ପୂର୍ବରୁ ଯେନତେନ ପ୍ରକାରେଣ ନଳା କାମ ସାରି ତରବରିଆ ଭାବେ ବିଲ୍ କରାଇ ନେବାକୁ ପ୍ରୟାସ ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଜବରଦଖଲ କାରୀ, ଠିକାଦାର ଏବଂ ଅଫିସରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଜନ ସାଧାରଣଙ୍କ ସ୍ୱାର୍ଥ ବଳି ପଡୁଛି ବୋଲି ମଧ୍ୟ ଚର୍ଚ୍ଚା ଯୋର ଧରିଛି ।




## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**
6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର